## ସଂକ୍ଷେପରେ

### ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍

ସୁନ୍ଦରଗଡ,୨୭।୮ (ଡି.ଏନ୍.ଏ ) -ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଏନ୍‌ସିସି ଶାଖା ତରଫରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ପୂର୍ବକ ଫିଟ ଇଣ୍ଡିଆ ଫ୍ରିଡମ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତରଞ୍ଜନ ସାହୁ ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ କରି ନବମ ଓଡିଶା ବାଟାଲିୟନ ରାଉରକେଲାକୁ ସାଧୁବାଦ ଜଣାଇଥିଲେ। ୫୦ରୁ ଅଧିକ ଏନସିସି କ୍ୟାଡେଟ ସରକାରୀ ମହାବିଦ୍ୟାଳୟରୁ ଦୌଡ ଆରମ୍ଭ କରି ରଙ୍ଗାଢିପା, ଭିଏସ ହାଇସ୍କୁଲ ଛକ, ଡେଲି ମାର୍କେଟ, ପୁରୁଣା ବସଷ୍ଟାଣ୍ଡ, ଡିଆରଡିଏ ଛକ ,ହସ୍ପିଟାଲ ଛକ ପରିକ୍ରମା କରି ମହାବିଦ୍ୟାଳୟରେ ପହଞ୍ଚିଥିଲା। ଟାଉନ ଥାନା ପୋଲିସ ତଥା ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହଯୋଗରେ ଏନସିସି ଏଏନଓ ଲେଫ୍ଟନାଣ୍ଟ ଆର୍ଯ୍ୟ ବିଭାସ କୁମାର, ଅଧ୍ୟାପକ ବିଭୂତିଭୂଷଣ ସାହୁ, ନିକୁ କେଶରୀ ସେଠୀ, ପ୍ରଭାକର ସେଠୀ , ସତ୍ୟଶୋଭନ ସୋରେନ, ପଦ୍ମିନୀ ସୁନା, ତଟିନୀ ପ୍ରିୟଦର୍ଶିନୀ ପ୍ରଧାନ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ ବହିଦାର, ଅଂଶୁମାନ ଲୋହାର, ସୁନୀତ ପଟେଲ, ଶ୍ରୀକାନ୍ତ ନାଏକ, ସୁବଳ ମହାନନ୍ଦିଆ, ସନ୍ତୋଷ ମାଝି, ମାସିଦାସ ତିର୍କୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସର ଜୋନସ୍ତରୀୟ ବୈଠକ

ବୌଦ୍ଧ,୨୭।୮(ସ୍ୱ.ପ୍ର.): ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ହରଭଙ୍ଗା ବ୍ଲକ କୁଚିଗାଡୁ ଗ୍ରାମରେ ୯ ନଂ. ଜୋନସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କୁମାର କର୍ଣ୍ଣଙ୍କ ଅଧକ୍ଷତାରେ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା ହେବା ସହ ଦଳକୁ ମଜଭୁତ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଜିଲା କଂଗ୍ରେସ ଉପସଭାପତି ସମରେଶ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ ନେଇ ଆମେ ଆଗକୁ କିପରି ବଢିବା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ ରମାକାନ୍ତ ଭୋକ୍ତା, ବାଜି ନାୟକ, ଚିତ୍ରସେନ ମଲିକ, ଗଣେଶ୍ୱର ଲଉରିଆ, ବିଜୟ ଦୀପ, ନାରାୟଣ ଦେହୁରୀ, ନିରକାର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଗଣେଶ ଲଉରିଆଙ୍କୁ ହରଭଙ୍ଗା ବ୍ଲକର ଓବିସି ସେଲ ଅଧକ୍ଷ, ୯ ନଂ. ଜୋନ ବ୍ଲକ କଂଗ୍ରେସ ବ୍ଲକ ସଂଯୋଜକ ଭାବେ ବିଜୟ ଦୀପ, କୃଷକ ସେଲର ସଂଯୋଜକ ଭାବେ ବାଲି ନାଏକ, ଆଦିବାସୀ ସେଲର ହରଭଙ୍ଗା ବ୍ଲକ ଅଧକ୍ଷ ଭାବେ ନାରାୟଣ ଦେହୁରୀ, ହରିଜନ ସେଲର ଅଧକ୍ଷ ଭାବେ ରମାକାନ୍ତ ବେହେରା, ମହିଳା କଂଗ୍ରେସ ସଂଯୋଜିକା ଭାବେ ଝୁନୁ ବଘାରଙ୍କୁ ଅବସ୍ଥାପିତ କରାଯାଇଥିଲା । ବୈଠକରେ ହରଭଙ୍ଗା ବ୍ଲକ କଂଗ୍ରେସ ଉପସଭାପତି ବେଣୁଧର ମେହେର, କୋଷାଧକ୍ଷ ପୋଲସ୍ତି ପ୍ରଧାନ, ଜିଲା କିଷାନ କଂଗ୍ରେସ ସାଧାରଣ ସମ୍ପାଦକ ବୁଦ୍ଧଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲାରେ ମରୁଡି ଆଶଙ୍କା

ଦେବଗଡ଼,୨୭।୮(ଡି.ଏନ୍.ଏ)


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

■ଚାଷୀଙ୍କୁ ସହାୟତା ସହ ଗୋହିରା ଜଳଭଣ୍ଡାର ପୁନରୁଦ୍ଧାର ଦାବି
■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର ପ୍ରଦାନ

ଦେବଗଡ଼ ଜିଲାରେ ଚଳିତ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସମ୍ଭାବ୍ୟ ମରୁଡି ପରିସ୍ଥିତି ଦେଖାଯାଇଛି। ଜିଲାର ଏକମାତ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ ଗୋହିରା ନଦୀବନ୍ଧ ପାଣି ଅଭାବରୁ ଶୁଖି ଯିବା କାରଣରୁ ତିଳେଇବଣି ବ୍ଲକ ଅନ୍ତର୍ଗତ ୮୮ଟି ଗ୍ରାମରେ କୃଷି କାର୍ଯ୍ୟ ବନ୍ଦ ହୋଇପଡିଛି। ଏହାର ପ୍ରତିକାର ଦାବିରେ ଶୁକ୍ରବାର ପୂର୍ବାହ୍ନରେ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବହୁଦଳୀୟ ପଦାଧିକାରୀ ଓ କର୍ମୀ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଜଳସେଚନ ବିଭାଗର ଅଧିକାରୀଙ୍କ ଦୁର୍ନୀତି ଖୋର ମନୋଭାବ ଯୋଗୁ ଦୀର୍ଘବର୍ଷ ଧରି ଗୋହିରା ଜଳ ଭଣ୍ଡାର ଠିକ ରକ୍ଷଣାବେକ୍ଷଣ କରା ଯାଉ ନ ଥିବାରୁ ଜଳଭଣ୍ଡାର ପଟ୍ଟରେ ପୋତି ହୋଇ ଜଳଧାରଣ କ୍ଷମତା ହରାଇଥିବା ଯୋଗୁଚଳିତ ବର୍ଷ ଜିଲ୍ଲାରେ ବର୍ଷାଭାବ ସମୟରେ ଜଳ ଭଣ୍ଡାର ଜଳଶୂନ୍ୟ ହୋଇ ପଡ଼ିଥିବା ଦର୍ଶାଇବା ସହ ତିଳେଇବଣି ବ୍ଲକ ଅନ୍ତର୍ଗତ କଂସର, ଢୋଲପଡା, କେନ୍ଦେଇଜୁରୀ, ଦୁଧିଆନାଲି, ସଢ଼ୋ, ଝରାଗୋଗୁଆ, ଲଇମୁରା, ପାରପୋଷି,ଗଣ୍ଡମ, ଝାରମୁଣ୍ଡା, ଡ଼ିମିରିକୁଦା, ସୁଗୁଡା ରିଆମାଳ ବ୍ଲକର ବୁଢାପାଳ, କରଲଗା ଓ ବୁଡିଦୋ ଏବଂ ବାରକୋଟ ବ୍ଲକର ବସାଲୋଇ ସମେତ ବହୁ ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷଜମି ମାଟି ଫାଟି ଯାଇଥିବା ବେଳେ ଅନେକ ଚାଷୀ ଏଯାଏଁ ରୁଆ କାର୍ଯ୍ୟ ସାରି ପାରି ନ ଥିବା ଯୋଗୁ ଜିଲା ସାରା ସମ୍ଭାବ୍ୟ ମରୁଡି ପରିସ୍ଥିତି ଦେଖା ଯାଇଥିବା କାରଣରୁ ଚଷୀଙ୍କ ଆର୍ଥିକ କ୍ଷତିକୁ ଭରଣା ପାଇଁ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି । ସ୍ମାରକପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ କୃଷକ ସେଲ ସଭାପତି ସନ୍ତୋଷ କୁମାର ସାହୁ,ଏସସି ସେଲ ସଭାପତି ମଞ୍ଜୁଳ ନାଏକ, ଏସଟି ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଜିଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ତିଳେଇବଣି ବ୍ଲକ କଂଗ୍ରେସ ସଭାପତି ଗଣେଷ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ନଗର କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ନଗର କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ଭୋଇ, କ୍ଷିତୀଶ କୁମାର ପ୍ରଧାନ ଓ ମିଡ଼ିଆ ସେଲ ସଂଯୋଜକ ପଞ୍ଚୁଲାଲ ବରାଇଙ୍କ ସମେତ ବହୁ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# ଜିଲା ସାରା ବିଏସ୍ଏନ୍ଏଲ୍ ସେବା ବନ୍ଦ

ଦେବଗଡ଼,୨୭।୮ (ଡି.ଏନ.ଏ.)

■ବିଲ ଜମା କଲେନି ବୋଲି ବିଏସ୍ଏନ୍ଏଲର ସଂଯୋଗ ଛିନ୍ନ କଲା ବିଜୁଳି ବିଭାଗ

ଦେବଗଡ଼ ବିଏସ୍ଏନ୍ଏଲ କାର୍ଯ୍ୟାଳୟ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ୍ ପଇଠ କରି ନ ଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ କଟାଯାଇଥିବାରୁ ଗୁରୁବାରଠାରୁ ଦେବଗଡ଼ ଜିଲା ସାରା ବିଏସ୍ଏନ୍ଏଲ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି । ଫଳରେ ବିଏସ୍ଏନ୍ଏଲ୍ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦେବଗଡ଼ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ପକ୍ଷରୁ ବିଭାଗର ବିଜୁଳି ବିଲ୍ ବାବଦରେ ବକେୟା ଥିବା ୯ଲକ୍ଷ ଟଙ୍କା ବିଭାଗକୁ ପଇଠ କରି ନ ଥିବାରୁ ଟାଟା ପାୱାର ୱେଷ୍ଟାର୍ଣ୍ଣ ଓଡିଶା ଡିସଟ୍ରିବ୍ୟୁସନ ଲିମିଟେଡ଼ ପକ୍ଷରୁ ଗୁରୁବାର ସକାଳୁ ବିଏସ୍ଏନ୍ଏଲ୍‌ର ବିଦ୍ୟୁତ ସଂଯୋଗକୁ କାଟିଦେଇଛି। ଫଳରେ ଜିଲାସାରା ବିଏସ୍ଏନ୍ଏଲ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି। ଏହି କାରଣରୁ ଜିଲାର ବ୍ୟାଙ୍କିଙ୍ଗ ସେବା ଠାରୁ ଧରି ସମସ୍ତ ଅନଲାଇନ ସେବା ବନ୍ଦ ହୋଇ ପଡିଛି। ତେବେ ଗୁରୁବାର ରାତିରେ ବିଭାଗ ପକ୍ଷରୁ ପ୍ରାୟ ସାଢେ ଚାରି ଲକ୍ଷ ଟଙ୍କା ଜମା କରିବା ପରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲେ ମଧ୍ୟ ବିଏସ୍ଏନ୍ଏଲ୍‌ର ଡିସଟ୍ରିବ୍ୟୁସନ ସିଷ୍ଟମ ଖରାପ ହୋଇଯିବା କାରଣରୁ ଏଯାଏଁ ସେବା ଆରମ୍ଭ ହୋଇ ପାରିନାହିଁ ବିଏସ୍ଏନ୍ଏଲ୍‌ର ଏସ୍‌ଡ଼ିଓ କଲ୍ୟାଣ କୁମାର ପଣ୍ଡାଙ୍କ ମତାମତ ନେବାରୁ ବିଭାଗ ପକ୍ଷରୁ ବକେୟା ବିଲ୍ ଯୋଗୁ ବିନା ନୋଟିସରେ ବିଦ୍ୟୁତ୍ ବିଭାଗ ହଠାତ ସଂଯୋଗ ବିଛିନ୍ନ କରିବାରୁ ବିଏସ୍ଏନ୍ଏଲ ସେବା ବନ୍ଦ ହୋଇଯାଇଥିବା ସ୍ୱୀକାର କରିବା ସହ ସନ୍ଧ୍ୟାରେ ଦେବଗଡ଼, ବାରକୋଟ ଓ କଣ୍ଡଲୟୁନିଟରେ ଥିବା ବକୟା ୩ଲକ୍ଷ ୬୬ହଜାର ୨୭୧ ଟଙ୍କା ଜମା କରିବା ପରେ ରାତିରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସଂଯୋଗ ନ ରହିବାରୁ ଡିସଟ୍ରିବ୍ୟୁସନ ସିଷ୍ଟମ ଅଚଳ ହୋଇପଡ଼ିଥିବା ସୂଚନା ଦେଇଥିଲେ। ତେବେ ବିଲ୍ ଜମା କରିବା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ବିଛିନ୍ନ ନ କରିବାକୁ ଟାଟାପାୱାର ଅଧିକାରୀଙ୍କୁ ଲିଖିତ ଅନୁରୋଧ କରିଥିଲେ ମଧ୍ୟ ବିଭାଗ ଏହାକୁ ଗ୍ରହଣ ନ କରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ଯୋଗୁ ଜିଲାବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ତେବେ ଟାଟା ପାୱାର କମ୍ପାନୀ କର୍ତ୍ତୃପକ୍ଷଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇପାରିନାହିଁ। ତେବେ ଟାଟା ପାୱାର ଏଭଳି କରି ଜିଲାବାସୀଙ୍କୁ ପରୋକ୍ଷରେ ବିଦ୍ୟୁତ ବିଲ୍ ପଇଠ ନ କଲେ ଏଭଳି ପରିସ୍ଥିତି ଭୋଗିବାକୁ ପ୍ରସ୍ତୁତ ରହିବାର ଚେତାବନୀ ଦେଇଥିବା ଜନସାଧାରଣ ମତବ୍ୟକ୍ତ କରିଛନ୍ତି।

# ସର୍ବଦଳୀୟ ବୈଠକରେ ଏମ୍ସ ପ୍ରତିଷ୍ଠା ଦାବି ଜୋରଦାର

ସୁନ୍ଦରଗଡ଼, ୨୭।୮ (ଡି.ଏନ୍.ଏ)

ସୁନ୍ଦରଗଡଠାରେ ଓଡିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ନାଗରିକ କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ଓଡିଶା ସରକାର ସୁନ୍ଦରଗଡଠାରେ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବକୁ ଏହି ବୈଠକରେ ସ୍ୱାଗତ କରାଯାଇଥିଲା। ରାଜ୍ୟ ସରକାର ପ୍ରସ୍ତାବ ଦେବାର ବହୁଦିନ ପରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ସହ ଠିକ ଭାବେ ଯୋଗାଯୋଗ କରି ଉଦ୍ୟମ କରିବା ପାଇଁ ବୈଠକରେ ନିବେଦନ କରାଯାଇଥିଲା। କେନ୍ଦ୍ର ସରକାର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦେବା ପାଇଁ ସୁନ୍ଦରଗଡ ଠାରେ ଏମ୍ସ ପ୍ରତିଷ୍ଠା ପାଇଁ ଯଥାଶିଘ୍ର ପଦକ୍ଷେପ ନେବାକୁ ମଧ୍ୟ ବୈଠକରେ ନିବେଦନ କରାଯାଇଛି। ଆସନ୍ତା ବିଧାନସଭା ସମୟରେ ଏକ ସଂକଳ୍ପପତ୍ର ଓଡିଶା ସରକାର ଗ୍ରହଣ କରି ସୁନ୍ଦରଗଡରେ ଏମସ୍ ପ୍ରତିଷ୍ଠା କରନ୍ତୁ ବୋଲି ଦାବି ହୋଇଥିଲା। ସୁନ୍ଦରଗଡରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ ସକାଶେ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା। ଏମ୍ସ ପ୍ରତିଷ୍ଠା ପାଇଁ ଲମ୍ବା ଲଢେଇ ପାଇଁ ମଧ୍ୟ ମତପ୍ରକାଶ ପାଇଥିଲା। ଭୁବନେଶ୍ୱରର ଏକ ହସ୍ପିଟାଲ ଶିଳ୍ପର ପ୍ରଭାବଶାଳୀ ଗୋଷ୍ଠୀ ସୁନ୍ଦରଗଡରେ ଏମସ୍ ପ୍ରତିଷ୍ଠାକୁ ବିରୋଧ କରୁଥିବା ଶୁଣିବାକୁ ମିଳୁ ଥିବାରୁ ଏହି ଲଢେଇକୁ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ବରିଷ୍ଠ ନାଗରିକ ସମିତିର ଡା.ହିମାଂଶୁଶେଖର ଗୁରୁ, ସୁନ୍ଦରଗଡ଼ ନାଗରିକ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ଜିଲା ଓକିଲସଂଘ ସଭାପତି ସୁକାନ୍ତ କୁମାର ମହାପାତ୍ର, ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ତଳସରା ପୂର୍ବତନ ବିଧାୟକ ଡା ପ୍ରଫୁଲ୍ଲ ମାଝୀ , ସୁନ୍ଦରଗଡ ଉନ୍ନୟନ ପରିଷଦର ଆବାହକ ଇଂ ଦିଲୀପ ପଟେଲ, ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ ପ୍ରମୁଖ ବିଶିଷ୍ଟ ନାଗରିକ ଯୋଗଦେଇଥିଲେ ।

# ଅବକାରୀ ଚଢ଼ାଉ : ୩ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ

ଲହୁଣୀପଡ଼ା,୨୭।୮(ଡି.ଏନ୍.ଏ)

ଲହୁଣୀପଡ଼ା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଲହୁଣୀପଡ଼ା ଥାନା ଅନ୍ତର୍ଗତ ଏବଂ କୋଇଡା ଥାନା ଅନ୍ତର୍ଗତ ଭିନ୍ନ ଭିନ୍ନ ଜଙ୍ଗଲ ଓ ନାଳ ନିକଟରେ ବେନିୟମ ଭାବେ ମହୁଲି ମଦ ପ୍ରସ୍ତୁତ କରାଯାଇଥିବା ସ୍ଥାନମାନଙ୍କରେ ଚଢ଼ାଉ କରାଯାଇଛି। ମଦ ପ୍ରସ୍ତୁତ ସାମଗ୍ରୀ ଡେକଚି, ପ୍ଲାଷ୍ଟିକ ଡ୍ରମ ପ୍ରଭୃତି ଜବତ କରିବା ସହିତ ତିନି କୁଇଣ୍ଟାଲ ମହୁଲ ପୋଚକୁ ନଷ୍ଟ କରିଦେଇଥିଲେ। ଲହୁଣୀପଡ଼ା ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମଚାରୀଙ୍କ ସହଯୋଗରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

# ଭାଜପା ଏସ୍‌ସି ମୋର୍ଚ୍ଚାର ନୂତନ କର୍ମକର୍ତ୍ତା


ବୈଠକରେ ଦେବଗଡ ଜିଲା ଏସ୍‌ସି ମୋର୍ଚ୍ଚାର କର୍ମକର୍ତ୍ତା।

ଦେବଗଡ଼,୨୭।୮(ଡି.ଏନ.ଏ)

■ ସଭାପତି ଭାବେ ପୁନଃ ମନୋନୀତ ହେଲେ ପ୍ରଜିତ ଭୋଜ

ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳା ଠାରେ ଶୁକ୍ରବାର ଭାରତୀୟ ଜନତା ପାର୍ଟି ଦେବଗଡ ଜିଲା ଏସ୍‌ସି ମୋର୍ଚ୍ଚାର ଏକ ବୈଠକ ଅନୁଷ୍ଠିତ ହେବା ସହ ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଏସ୍.ସି. ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ ଯୋଗଦେଇ ଦେବଗଡ଼ ଜିଲାରେ ଭାଜପା ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲା ଭାଜପା ସଭାପତି ପ୍ରଧାନ ଆନୁଷ୍ଠାନିକ ଭାବେ ନୂତନ ଭାବେ ମନୋନୀତ ଏସ୍.ସି. ମୋର୍ଚ୍ଚା କର୍ମକର୍ତ୍ତାମାନଙ୍କର ନାମ ଘୋଷଣା କରିଥିଲେ । ଏଥିରେ ଦେବଗଡ ଜିଲା ଭାଜପା ଏସ୍.ସି.ମୋର୍ଚ୍ଚାର ସଭାପତି ଭାବେ ପ୍ରଜିତ ଭୋଜ (ଝୁନୁ) ପୁନଃ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବେ ପ୍ରଫୁଲ୍ଲ ମହାନନ୍ଦ, ଗଣେଶ ପାତ୍ର, ସିବା ମୁଖି ଓ ସଞ୍ଜୁକ୍ତା ଜେନା, ସାଧାରଣ ସମ୍ପାଦକ ଭାବେ ଦେବାନନ୍ଦ ନାଏକ ଓ ମକରଧ୍ୱଜ ହସ୍ତୀ, ସମ୍ପାଦକ ଭାବେ ଦେବାନନ୍ଦ ନାଏକ, ଯୋଗେଶ୍ୱର ସୁହୁଲା ,ଅକ୍ଷୟ ବେହେରା ଓ ସସ୍ମିତା ବେହେରା, କୋଷାଧକ୍ଷ ଭାବେ ରାଜୀବ ପାତ୍ର, ଏସ୍.ସି.ମୋର୍ଚ୍ଚାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରୁପାତ୍ର ଓ ମେଡିଆ ସେଲ ପ୍ରମୁଖ ଭବେ ପଙ୍କଜ କୁମାର ପାତ୍ରଙ୍କ ନାମ ଘୋଷଣା କରାଯାଇଥିଲା ।

# କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଖାଦ୍ୟ ଓ ପୋଷଣ ଶୀର୍ଷକ ଆଲୋଚନାଚକ୍ର

ସୁନ୍ଦରଗଡ, ୨୭।୮ (ଡି.ଏନ୍.ଏ) -ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ କୃଷି ବିଜ୍ଞାନକେନ୍ଦ୍ର ସୁନ୍ଦରଗଡ଼ ଆନୁକୂଲ୍ୟରେ ଫୁଲଧୁଡି ଗ୍ରାମରେ କୃଷକମାନଙ୍କ ପାଇଁ ଖାଦ୍ୟ ଏବଂ ପୋଷଣ ଶୀର୍ଷକ ଏକ ଆଲୋଚନାଚକ୍ର ଓ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ଏହି ଜାତୀୟ ଅଭିଯାନ କ୍ରମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏହି ଗ୍ରାମର ଚାଷୀମାନେ ସିଧାସଳଖ ଦେଖିବାର ସୁଯୋଗ ପାଇଥିଲେ। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉଦବୋଧନ ଦେଇ ଠିକ୍ ଖାଦ୍ୟ ଓ ପୋଷଣ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚମାନଙ୍କ ସମେତ ଗ୍ରାମର ୫୦ଜଣ ଚାଷୀ ବ୍ଲକ ଉଦ୍ୟାନବିତ୍ ,ବନବିଭାଗ ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକମାନେ ଯୋଗଦେଇଥିଲେ । କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ ବାଗେ ଓ ଦିବେନ୍ଦୁ ମଣ୍ଡଳ ଉପସ୍ଥିତ ଚାଷୀମାନଙ୍କୁ ସୁସ୍ଥ ଶରୀର ନିମନ୍ତେ ସନ୍ତୁଳିତ ଆହାର, ଆଦର୍ଶ ପୁଷ୍ଟିକର ବଗିଚା ଏବଂ ଏହାର ଉପାଦେୟତା, ଛତୁଚାଷ ତଥା ପୁଷ୍ଟିକର ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛତୁଉତ୍ପାଦନକାରୀ ମହିଳା ଚାଷୀଙ୍କର କ୍ଷେତ୍ର ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ବାଳିବଗିଚାରୁ ପୁଷ୍ଟି ପୋଷଣ ଖାଦ୍ୟ ପାଇବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସମସ୍ତ ମହିଳା ଚାଷୀଙ୍କୁ ଉନ୍ନତ କିସମର ଅମୃତଭଣ୍ଡା ଓ ସଜନା ଚାରା ବିତରଣ କରାଯାଇଥିଲା।



ମହିଳା ଚାଷୀଙ୍କୁ ଉନ୍ନତ କିସମର ଅମୃତଭଣ୍ଡା ଓ ସଜନା ଚାରା ବିତରଣ।

# ବିଦ୍ୟାଳୟକୁ ଅକ୍ସିମିଟର ଓ ଥର୍ମୋମିଟର କିଟ୍ ବଣ୍ଟନ


କୁଆଁରମୁଣ୍ଡା ବିଆରସି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲଗୁଡିକୁ ଅକ୍ସିମିଟର ଓ ଥର୍ମୋମିଟର କିଟ୍ ପ୍ରଦାନ କରାଯାଉଛି ।

କୁଆଁରମୁଣ୍ଡା,୨୭।୮(ଡି.ଏନ୍.ଏ.)

ସମ୍ପ୍ରତି କରୋନାର ୩ୟ ଲହରକୁ ଦୃଷ୍ଟିରେ ରଖି ଛୋଟ ପିଲାମାନଙ୍କୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସଚେତନ କରିଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶୁକ୍ରବାର କୁଆଁରମୁଣ୍ଡା ବ୍ଲକ ଗସ୍ତରେ ଆସି ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟକୁ ଅକ୍ସିମିଟର ଓ ଥର୍ମୋମିଟର କିଟ୍ ପ୍ରଦାନ କରିଛନ୍ତି। ଏ ନେଇ ବ୍ଲକ ବିଆରସି ହଲରେ ଏବିଇଓ ମୋହନ କୁମାରଙ୍କ ତତ୍ତ୍ୱାବଧାନରେ ଉକ୍ତ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଦ୍ୟାଳୟକୁ ଉକ୍ତ କିଟ୍ ପ୍ରଦାନ କରାଯାଇଛି। ଉକ୍ତ କିଟ୍‌ରେ ଥିବା ଅକ୍ସିମିଟର ସାହାଯ୍ୟରେ ଛୋଟ ପିଲାମାନଙ୍କର ରକ୍ତରେ ଥିବା ଅମ୍ଳଜାନ ସାନ୍ଦ୍ରତା ମପାଯିବା ସହ ଥର୍ମୋମିଟରରେ ସେମାନଙ୍କର ଶରୀରର ତାପମାତ୍ରା ମପାଯାଇପାରିବ। ଫଳରେ କୌଣସି ପିଲାର ଯଦି ଜ୍ୱର ଓ ଅକ୍ସିଜେନ ସାନ୍ଦ୍ରତା କମିଲା ତାହା ଶୀଘ୍ର ଜଣାପଡ଼ିବା ସହ ଆଗୁଆ ଡାକ୍ତରୀ ସହାୟତା ନିଆଯାଇପାରିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି। ସର୍ବମୋଟ ୧୫୯ଟି ସ୍କୁଲକୁ ଉକ୍ତ କିଟ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଜିଲା ପରିଷଦ ସଭ୍ୟା ସୁନିତା ଅହିର, କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାସଦା ପ୍ରମୁଖ ଉପସ୍ଥିତ ଥିଲେ।

# ଚାରା ରୋପଣ ବେଳେ ମହୁମାଛି ଆକ୍ରମଣ: ୧୮ ଗୁରୁତର

ଦେବଗଡ଼/ରିଆମାଳ, ୨୭।୮(ଡି.ଏନ.ଏ.)


ମହୁମାଛି ଆକ୍ରମଣରେ ୧୮ ଶ୍ରମିକ ଆହତ ହୋଇଛନ୍ତି।

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳର ରେଙ୍ଗାଲବେଡା ସେକ୍ସନ ଅନ୍ତର୍ଗତ ଝାରପଡା ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଶୁକ୍ରବାର ଚାରା ରୋପଣ କରାଯାଉଥିଲା। ଏହିସମୟରେ ମହୁମାଛି ଆକ୍ରମଣରେ ୧୮ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ନିମନ୍ତେ ସେମାନଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ପକ୍ଷରୁ ଉକ୍ତ ସେକ୍ସନ ଅନ୍ତର୍ଗତ ଝାରପଡା ବନ ସୁରକ୍ଷା ସମିତି ଅଧିନସ୍ଥ ହଦମୁଣ୍ଡା ପ୍ରୋଟେକ୍ଟେଡ ଫରେଷ୍ଟ(ପିଆରଏଫ୍)ରେ ମନରେଗା ଯୋଜନାରୁ ଚାରା ରୋପଣ କରାଯାଉଥିଲା। ଚାରା ରୋପଣ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରମିକ ନିୟୋଜିତ ହୋଇଥିବାବେଳେ ଦିନ ପ୍ରାୟ ୧ଟାରେ ଏକ ମହୁମାଛି ଦଳ ସେମାନଙ୍କ ଉପରେ ଅତର୍କୀତ ଆକ୍ରମଣ କରିଥିଲେ । ଫଳରେ ପ୍ରାୟ ୧୮ ଜଣ ଶ୍ରମିକ ଆହତ ହୋଇପଡିବା ସହ ପ୍ରାଣବିକଳରେ ଇତସ୍ତତଃ ଦୌଡିଥିଲେ। ସୂଚନା ପାଇ ରେଙ୍ଗାଲବେଡା ଫରେଷ୍ଟର ରମେଶ ଚନ୍ଦ୍ର ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚିବାସହ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଇତି ମଧ୍ୟରେ ୧୫ ଜଣ ଶ୍ରମିକ ଚିକିତ୍ସିତ ହୋଇ ନିଜ ନିଜ ଘରକୁ ଫେରିଯାଇଥିବା ଜଣାପଡିଛି। ମାତ୍ର ଗୁରୁତର ଆହତ ହୋଇଥିବା ଦେଓଝରଣ ଗ୍ରାମର ନଳିନୀ ସାହୁ, ଭୋଳେଶ୍ୱର ସାହୁ ଓ ଫୁଲ ସାହୁ ଏବେ ମଧ ସେଠାରେ ଚିକିତ୍ସାଧିନ ରହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ନୂଆପଡ଼ା ଅଫିସ: ନୂଆପଡା ଜିଲା ବେଲଟୁକୁରି ଥାନା କୁଲିହାବନ୍ଧା ଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଲିହାବନ୍ଧା ଗାଁର ଦିନେଶ ପଟେଲ (୨୮)। ଗୁରୁବାର ସନ୍ଧ୍ୟାରେ ଦିନେଶ ବାଇକ୍ (ନଂ.ସିଜି୦୬ଜିଏଚ-୨୫୭୪) ଯୋଗେ ପରକୋଡକୁ ଆସିଥିଲେ। ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ କୁଲିହାବନ୍ଧା କେନ୍ଦୁପତ୍ର ଫଡିଘର ନିକଟରେ ଏକ କୁକୁର ବାଇକ୍ ସାମନାକୁ ଚାଲି ଆସିଥିଲା। କୁକୁର ଦେହରେ ବାଇକ୍ ବାଜିବାରୁ ଦିନେଶ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସୁସ୍ଥ ଦୌଡ କାର୍ଯ୍ୟକ୍ରମ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା।
- ଏକ୍‌ଜିକ୍ୟୁଟିଭ ଏମ୍‌ବିଏର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ଜ୍ୟୋତି ବିହାରସ୍ଥିତ ଆଇଆଇଏମ୍ ସଭା କକ୍ଷ, ମଧାହ୍ନ ୧୨ଟା।

## ସଂକ୍ଷେପରେ

### ମିଆଁୱାକି ଜଙ୍ଗଲ ପ୍ରକୃତିପ୍ରେମୀଙ୍କ ନାମରେ ନାମିତ

**ଝାରସୁଗୁଡ଼ା ଅଫିସ,୨୭।୮:** ଝାରସୁଗୁଡ଼ା ମାଳିମୁଣ୍ଡାସ୍ଥିତ ଇକୋପାର୍କ ପରିସରରେ ରହିଥିବା ମିଆଁୱାକି ଜଙ୍ଗଲକୁ ପ୍ରକୃତିପ୍ରେମୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ପ୍ରଫେସର ଧ୍ରୁବଚରଣ ନାୟକଙ୍କ ନାମରେ ନାମିତ କରାଯାଇଛି। ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଶିଶିର କୁମାର ରାଠୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର ସର୍କଲ ଆର୍‌ସିସିଏଫ୍ ଚିତ୍ତରଞ୍ଜନ ମିଶ୍ର, ରାଉରକେଲା ସର୍କଲ ଆର୍‌ସିସିଏଫ୍ ଅରୁଣ କୁମାର ମିଶ୍ର ଓ ଡିଏଫ୍‌ଓ ଲଳିତ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଇକୋପାର୍କ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିଥିଲେ। ଏଥିରେ ଜିଲା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ବିରୋଧ ଯୋଗୁ ଜନଶୁଣାଣି ସ୍ଥଗିତ

ଝାରସୁଗୁଡ଼ା ଅଫିସ,୨୭।୮

ହାଇଦ୍ରାବାଦର ରାମ୍‌କୀ ଏନ୍‌ଭିରୋ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଲଖନପୁର ମୌଜାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଛି। ଏହି ପ୍ରକଳ୍ପକୁ ନେଇ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଶୁକ୍ରବାର ସ୍ଥାନୀୟ ସମଲେଶ୍ୱରୀ ଖେଳପଡିଆରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଆଲୋମଣି ସେଠୀ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, କମ୍ପାନୀର କେନ୍ଦ୍ରୀୟ ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର, ପ୍ରଦୀପ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ ହେଲେ ଜଙ୍ଗଲ ନଷ୍ଟ ହେବା ସହିତ ପ୍ରଦୂଷଣ ବୃଦ୍ଧି ପାଇବ ଦର୍ଶାଇ ଅଞ୍ଚଳବାସୀ ଏହାକୁ ବିରୋଧ କରିଥିଲେ। ଜନଶୁଣାଣି ସ୍ଥଳରେ ଶତାଧିକ ଲୋକ ବ୍ୟାନର, ପୋଷ୍ଟର ଧରି କମ୍ପାନୀ ବିରୋଧୀ ବିଭିନ୍ନ




ଜନଶୁଣାଣିକୁ ଅଞ୍ଚଳବାସୀ ବିରୋଧ କରୁଛନ୍ତି।

### ଲଖନପୁରରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଯୋଜନା

ସ୍ଲୋଗାନ ଦେଇଥିଲେ। ଅନ୍ୟପକ୍ଷେ କେତେଜଣ ସ୍ଥାନୀୟ ଲୋକ ତଥା କମ୍ପାନୀ ସପକ୍ଷବାଦୀ ଏଠାରେ ପ୍ରକଳ୍ପ ହେଲେ ନିଯୁକ୍ତି ସୃଷ୍ଟିହେବା ସହ ଅଞ୍ଚଳର ବିକାଶ ହେବ ବୋଲି ଯୁକ୍ତି ବାଢିଥିଲେ। ଫଳରେ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଥିଲେ। ବିପକ୍ଷବାଦୀଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ଓ ନେତୃବୃନ୍ଦ ବିରୋଧ କରୁଥିବା ଦେଖିବାକୁ ମିଳିଥିଲା। ଏଭଳି ବିରୋଧକୁ ନେଇ ଲୋକଙ୍କ ମଧ୍ୟରେ ଭିନ୍ନ କଥା ଚର୍ଚ୍ଚା ହେଉଥିବାବେଳେ ପ୍ରକଳ୍ପ ହେବ କି ନାହିଁ ସମୟ କହିବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଜନଶୁଣାଣି ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏଥିରେ ସୁଫଳ ନ ମିଳିବାରୁ ଅତିରିକ୍ତ ଜିଲାପାଳ ସାହୁ ଜନଶୁଣାଣିକୁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ସେ କହିଥିଲେ, ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ଜନଶୁଣାଣି ସ୍ଥଗିତ ରଖାଯାଇଛି। ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇ ଦିଆଯିବ। ବୋର୍ଡ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ଶୁଣାଣି ଦିନଧାର୍ଯ୍ୟ କରାଯିବ। ସୂଚନାଯୋଗ୍ୟ ଲଖନପୁର ମୌଜାର ପ୍ଲଟ୍ ନଂ.୧୩୫୧ରୁ ୬୩.୩୦ଏକର ଜମି କମ୍ପାନୀ ଇଡ୍‌କୋ ଜରିଆରେ ଅଧିଗ୍ରହଣ କରିଛି। ଏହି ପ୍ରସ୍ତାବିତ ପ୍ରକଳ୍ପରେ ଦୈନିକ ୩ଶହ ଟନ୍ ସୁରକ୍ଷିତ ବର୍ଜ୍ୟବସ୍ତୁ ଗ୍ରହଣ, ୪ଶହ ଟନ୍ ଶୋଧନ ବର୍ଜ୍ୟବସ୍ତୁ ଗ୍ରହଣ, ୫୫ଟନ୍ କ୍ଷତିକାରକ ବର୍ଜ୍ୟବସ୍ତୁ ଦହନ, ୧୨.୫ଟନ୍ ଜୈବ ଚିକିତ୍ସିତ ବର୍ଜ୍ୟ, ୫୫ଟନ୍ ବିକଳ୍ପ ଇନ୍ଧନ ଓ ପୁନଃବ୍ୟବହାର ଯୋଗ୍ୟ କଞ୍ଚାମାଲ, ୮୨ଟନ୍ ଇଲୋକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ, ୧୦ଟନ୍ ଧାରକପାତ୍ର ଶୁଦ୍ଧିକରଣ ଓ ପୁନଃଚକ୍ରଣ, ୫୪କେଏଲ୍ ବ୍ୟବହୃତ ତୈଳ ପୁନଃଚକ୍ରଣ ଆଦି ପୁନଃବ୍ୟବହାର କ୍ଷମତା ରହିଛି। ଏହି ପ୍ରକଳ୍ପର ବ୍ୟୟ ବରାଦ ସମୁଦାୟ ୪୫କୋଟି ଟଙ୍କା ରହିଛି ବୋଲି ଜଣାପଡିଛି।

# ସମଲେଇ ଯୋଜନାକୁ ନେଇ ବଢୁଛି ଅସନ୍ତୋଷ

ସମ୍ବଲପୁର,୨୭।୮(ବ୍ୟୁରୋ)

ସମ୍ବଲପୁର ସମଲେଇ ଯୋଜନାକୁ ନେଇ ପ୍ରଶାସନ ପକ୍ଷରୁ ସରକାରୀ ଅଫିସ ଓ କ୍ୱାର୍ଟର୍ସ ଭଙ୍ଗାଯାଉଛି। ବହୁବର୍ଷ ଧରି ସରକାରୀ ଜମିରେ ରହୁଥିବା ଘୁନଘୁଟି ପଡାରେ ମଧ୍ୟ ସର୍ଭେ କାମ କରାଯାଉଛି। ପ୍ରଶାସନ ପକ୍ଷରୁ ଦ୍ରୁତ ଗତିରେ କାମ କରାଯାଉଥିବାବେଳେ ବିସ୍ଥାପିତଙ୍କ ଅସନ୍ତୋଷ ବୃଦ୍ଧି ପାଉଛି। ଶୁକ୍ରବାର ବିସ୍ଥାପିତଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ଉନ୍ନୟନ କାମ ଓ ସୌନ୍ଦର୍ଯ୍ୟକରଣକୁ ସ୍ୱାଗତ କରାଯାଇଥିଲା। ହେଲେ ଆବଶ୍ୟକତାଠାରୁ ଅଧିକ ଜମି ଅଧିଗ୍ରହଣ କରାଯାଉଥିବା ଲୋକେ ଅଭିଯୋଗ କରିଥିଲେ। ବିସ୍ଥାପିତ ତାଲିକାରେ ଥିବା ମୌଥଲି ମହାପାତ୍ର କହିଛନ୍ତି, ମା' ସମଲେଇ ମନ୍ଦିର ବିକାଶ କାମକୁ ସ୍ୱାଗତ କରାଯାଉଛି। ଏଥିପାଇଁ ପ୍ରାୟ ୪୦ ଏକର ଜମି ଅଧିଗ୍ରହଣ କରାଯିବାକୁ ଯୋଜନା ହୋଇଛି। ହେଲେ ଏଥିରେ କ'ଣ ନିର୍ମାଣ ହେବ ସେ ନେଇ କୌଣସି ସୂଚନା ବିସ୍ଥାପିତଙ୍କୁ ଦିଆଯାଉ ନାହିଁ। ସମଲେଇ ମନ୍ଦିରର ଉନ୍ନୟନମୂଳକ କାମ କରିବା ବଦଳରେ ପାର୍ଶ୍ୱରେ ରହୁଥିବା ଲୋକମାନଙ୍କୁ ବିସ୍ଥାପିତ କରଯାଉଛି। ଲୋକମାନେ ସହର ଛାଡି କୁଆଡେ ଯିବେ। ଯେତେ ଟଙ୍କା କ୍ଷତିପୂରଣ ଦେଲେ ମଧ୍ୟ ଛାଡିବୁ ନାହିଁ ବୋଲି କହିଥିଲେ। ବୈଠକରେ ନୀରୁ ଭିତିରିଆ, ମମତା ପୁରୋହିତ, ପୃଥ୍ୱୀରାଜ ଚୌଧୁରୀ, ସୁଶାନ୍ତ ପୁରୋହିତ, ଲକ୍ଷ୍ମଣ ପଟେଲ, ଗୋକୁଳ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିସ୍ଥାପିତମାନଙ୍କ ବୈଠକ।

### ରେଲୱେ ଶ୍ରମିକ କଂଗ୍ରେସର ବିକ୍ଷୋଭ

**ସମ୍ବଲପୁର,୨୭।୮(ବ୍ୟୁରୋ):** ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ ଅର୍ବାନ ବ୍ୟାଙ୍କରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବିକରି ସମ୍ବଲପୁର ଡିଆର୍‌ଏମ୍ ଅଫିସ ସମ୍ମୁଖରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକ କଂଗ୍ରେସର ଅନ୍ୟ ଦାବି ମଧରେ ଅଂଶଧନକାରୀ ପରିବାରକୁ ଦକ୍ଷତା ଅନୁସାରେ ଖାଲି ପଦବୀରେ ନିଯୁକ୍ତି, ବ୍ୟାଙ୍କରେ ଥିବା ସୋସାଇଟି ଫଣ୍ଡ ବାହାର ବନ୍ଦ କରିବା, ସାଧାରଣ ବୈଠକ ଓ ନିର୍ବାଚନ ପରେ ଟଙ୍କା ଉଠାଣ, ରେଳ ବିଭାର ଦ୍ୱାରା ସ୍ୱତନ୍ତ୍ର ଅଡିଟ କରାଯିବା ଆଦି ଅନ୍ୟତମ। ଶ୍ରମିକ କଂଗ୍ରେସ ମଣ୍ଡଳ ସଂଯୋଜକ ଭୁପେଶ କୁମାର ମୁଣ୍ଡଙ୍କ ପରିଚାଳନାରେ ଆନ୍ଦୋଳନ ହୋଇଥିଲା। ସମ୍ବଲପୁର ଶାଖା ସଭାପତି ଜୟଦେବ ମହାରଣା, ଅଧକ୍ଷ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଦେଶୀ ମଦ ଜବତ: ଦୋକାନ ମାଲିକ ଗିରଫ

**ବେଲପଡା,୨୭।୮:** ବେଲପଡା ଥାନା ଅନ୍ତର୍ଗତ ରାଡବାହାଲ ଗ୍ରାମର ପ୍ରକାଶ ବେହେରାଙ୍କ କିରାନା ଦୋକାନରେ ଗୁରୁବାର ପୋଲିସ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଦେକାନ ମାଲିକଙ୍କୁ ଗିରଫ କରାଯାଇଛି। ବେଆଇନ ମଦ ରଖିଥିବା ଫ୍ରିଜ, ଫ୍ରିଜରକୁ ମଧ ଜବତ କରାଯାଇଛି। ଜବତ ମଦର ମୂଲ୍ୟ ଆନୁମାନିକ ୧୫ ହଜାର ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ସଂପର୍କରେ ବେଲପଡା ଥାନାରେ ନଂ ୧୭୯ ରେ ମକଦ୍ଦମା ରୁଜୁ ହୋଇଛି। ଗିରଫ ବ୍ୟକ୍ତି ଜଣକ ପାଟଣାଗଡ ଅଞ୍ଚଳରୁ ବେଆଇନ ମଦ ଆଣି ଘରେ ଗଚ୍ଛିତ ରଖି ଲୋକଙ୍କୁ ଚଢାଦରରେ ବିକ୍ରି କରୁଥିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା।

# ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିକ୍ଷୋଭ



ସମାବେଶରେ ସାମିଲ ହୋଇଥିବା ବିଜେଡି ନେତୃବୃନ୍ଦ।

ସମ୍ବଲପୁର,୨୭।୮(ବ୍ୟୁରୋ)

ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଉଠାଇନେବାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର କଳାକାରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ଜିଲା ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର ଓ ଛାତ୍ର ବିଜେଡିର ଡ. ସିଦ୍ଧାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ସମାବେଶ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ରାଜ୍ୟ ସହସମ୍ପାଦକ ସଞ୍ଜିତ ମହାନ୍ତି, ବରିଷ୍ଠ ନେତା ଗୋକୁଳ ମେହେର, ହୀରାଲାଲ ବେହେରା, ମନୋଜ ମହାପାତ୍ର, ଧର୍ମରାଜ ମରାଇ, ମିଲନ କୁମାର ହୋତା, ମନୋଜ ଖୁଣ୍ଟିଆ, ଏସ୍. ଶେଖର ପାଢୀ ପ୍ରମୁଖ ସାମିଲ ହୋଇଥିଲେ। ନେତାମାନେ ଦର୍ଶାଇଥିଲେ, ଦୂରଦର୍ଶନ

### ଦୂରଦର୍ଶନ କେନ୍ଦ୍ର ଉଠାଇନେବା ପ୍ରସଙ୍ଗ

କେନ୍ଦ୍ର ଉଠାଯିବାକୁ ନେଇ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଛନ୍ତି। ପ୍ରାୟ ୪୦ବର୍ଷ ଧରି ଏହି କେନ୍ଦ୍ର ମନୋରଞ୍ଜନ, ସଂସ୍କୃତି, ପରମ୍ପରା ଉପରେ ସୂଚନା ଦେଇଆସୁଥିଲା। କଳାକାରଙ୍କୁ ଆଗକୁ ବଢ଼ିବାର ମାଧ୍ୟମ ହୋଇଥିଲା। ଏହାର ପୁନଃ ବିଚାର କରାଯାଉ ବୋଲି ଦାବି କରିଥିଲେ। ଅନ୍ୟପଟେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଘଟଣାକୁ ନିନ୍ଦା କରିଛନ୍ତି। କେନ୍ଦ୍ର ସରକାର ଦୂରଦର୍ଶନ କେନ୍ଦ୍ର ଉଠାଇବାକୁ ଚକ୍ରାନ୍ତ କରୁଛନ୍ତି। ଏହାର ପୁନଃ ବିଚାର କରା ନ ଗଲେ ଆଗକୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲିକହିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ଓକିଲ ସଂଘର ଦାବିପତ୍ର

ସମ୍ବଲପୁର,୨୭।୮(ବ୍ୟୁରୋ)

ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଉଠାଇନେବା ପ୍ରତିବାଦରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ କରାଯାଉଛି। ସମ୍ବଲପୁର ଜିଲା ଓକିଲ ସଂଘ ମଧ୍ୟ ଏଥିରେ ସାମିଲ ହୋଇଛି। ଶୁକ୍ରବାର ସଭାପତି ଡ. ପ୍ରମୋଦ କୁମାର ରଥ, ସମ୍ପାଦକ ରବି ରଞ୍ଜନ ପୂଜାରୀ ଜିଲା ପ୍ରଶାସନ ଜରିଆରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ୧୯୭୮ରେ ଏହି କେନ୍ଦ୍ର ଆରମ୍ଭ ହୋଇଥିଲା। ରାଜ୍ୟରେ ଏହା ପ୍ରଥମ ଓ ଦେଶରେ ଅଷ୍ଟମ କେନ୍ଦ୍ର ହୋଇଥିବାବେଳେ ଏବେ ବନ୍ଦ କରିବାକୁ ଯୋଜନା କରାଯାଉଛି। କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଛି। ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ପୂର୍ବଭଳି କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରିଥିଲେ।

## କିର୍ମିରା ବ୍ଲକ୍‌ରେ ଜ୍ଞାନବନ୍ଧୁ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା ଅଫିସ,୨୭।୮

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଜ୍ଞାନବନ୍ଧୁ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସହକାରୀ ବ୍ଲକ୍ ଉନ୍ନୟନ ଅଧିକାରିଣୀ ଡିଲେଶ୍ୱରୀ କାଲୋ, ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ଭୋପାଳ ଚନ୍ଦ୍ର ଜୟପୁରିଆ, ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ଗୁଣନିଧି ପଟେଲ, ଭାଲୁପତ୍ରା ଆଶ୍ରମ ସ୍କୁଲ୍ ପ୍ରଧାନଶିକ୍ଷକ ସତ୍ୟବାନ ପତି, ହୁଣ୍ଡାଥୋପା ଆଶ୍ରମ ସ୍କୁଲ୍ ପ୍ରଧାନଶିକ୍ଷକ ଅମିୟ ପରେଖ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପ୍ରସାରଣ ଅଧିକାରୀ ଜୟପୁରିଆ ଜ୍ଞାନବନ୍ଧୁ ନିଯୁକ୍ତିର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷାଧିକାରୀ ପଟେଲ ଜ୍ଞାନବନ୍ଧୁମାନଙ୍କ ଦ୍ୱାରା ବିଶ୍ୱ ମହାମାରୀ ସମୟରେ ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ନେଇ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କହିଥିଲେ। ମାଷ୍ଟର ଟ୍ରେନ୍‌ର ଭାବେ ବିରଞ୍ଚି ପଟେଲ ଓ ବିଜୟ ପଟେଲ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ସମୁଦାୟ ୧୮ଜଣ ଜ୍ଞାନବନ୍ଧୁ ଯୋଗଦାନ କରିଥିଲେ।

## ମେହେର ଆସୋସିଏଶନର ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର,୨୭।୮ (ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଶୁକ୍ରବାର ଫାଟକସ୍ଥିତ ମେହେର ଆସୋସିଏଶନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ସଭା ହୋଇଥିଲା।

# ଭାଜପା ପ୍ରତିନିଧି ଦଳର ମରୁଡ଼ି ସ୍ଥିତି ଅନୁଧ୍ୟାନ

ଝାରସୁଗୁଡ଼ା ଅଫିସ,୨୭।୮

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଝାରସୁଗୁଡ଼ା ଜିଲାରେ ମରୁଡି ପରିସ୍ଥିତି ଦେଖାଦେଇଛି। ଏହାକୁ ନେଇ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି। ଏଭଳିସ୍ଥିତିରେ ଭାଜପାର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ଜିଲା ଗସ୍ତରେ ଆସି ବିଭିନ୍ନ ଅଞ୍ଚଳରେ ମରୁଡି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରତିନିଧିମାନେ କୋଲାବିରା ବ୍ଲକ୍‌ର ବଡବାହାଲ, ତରେଇକେଲା, ମାଳିଡିହି, ଲଇକେରା ବ୍ଲକ୍‌ର ଭାତଲଇଡା, କୁଲେମୁରା, କିର୍ମିରା ବ୍ଲକ୍‌ର ବିଡମାଲ ଆଦି ଗ୍ରାମର ଚାଷଜମି ବୁଲି ଦେଖିଥିଲେ। ଜଳାଭାବରୁ ଏହିସବୁ ଗ୍ରାମର ଚାଷଜମି ଫାଟି ଆଁ କଲାଣି। ଚାଷୀମାନେ କିଭଳି ସରକାରୀ ସହାୟତା ପାଇବେ ଏ ସମ୍ପର୍କରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏ ନେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଭାଜପା ନେତୃବୃନ୍ଦ କହିଛନ୍ତି। ଆଗାମୀ ଦିନରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ଜଳସେଚନ ବ୍ୟବସ୍ଥା କରିବାପାଇଁ ଦଳ ଦାବି କରିଛି। ଦାବି ପୂରଣ ନ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ଉପସଭାପତି ନାଉରୀ ନାୟକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରଞ୍ଜନ ପଟେଲ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ରାଜ୍ୟ ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ, ନେତାଜୀ ପଟ୍ଟନାୟକ, ରାଜେଶ ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଭାଜପା ନେତୃବୃନ୍ଦ ଧାନଜମି ବୁଲି ଦେଖୁଛନ୍ତି।

# ସଙ୍ଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ଜମନକିରା, ୨୭।୮ (ଡି.ଏନ୍.ଏ.)

### ଭାଜପା ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଷଣ୍ଢପଥର ଖେଳପଡ଼ିଆ ନିକଟରେ ଗୁରୁବାର ଭାଜପାର ଜମନକିରା ମଣ୍ଡଳସ୍ତରୀୟ ସାଧାରଣ ସଭା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଗିରିଶଚନ୍ଦ୍ର ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାୟକ ଯୋଗଦେଇ ସଙ୍ଗଠନ ସଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁଶିଲ କୁମାର କର, ଉପସଭାପତି ବିରେନ୍ଦ୍ର କୁମାର ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ସୁନିଲ ମୁଦୁଲି, ପ୍ରବକ୍ତା ପିଙ୍କୁ କୁମାର ପାଣି, ସାଧାରଣ ସମ୍ପାଦକ ବିଜୟ କୁମାର ନାଏକ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ନେଇ ବକ୍ତବ୍ୟ ରଖିଥିଲେ। ବର୍ଷା ଅଭାବରୁ ଖରିଫ ଧାନ ଚାଷ କ୍ଷତି ହୋଇଛି। ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବ୍ୟବସ୍ଥା କରିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ଲକ୍‌ର ହିତାଧିକାରୀଙ୍କୁ ସାମିଲ କରାଯିବା ନେଇ ଆଲୋଚନା ହୋଇଥିଲା। ଭୂମିହୀନଙ୍କୁ ଜଙ୍ଗଲଜମି ପ୍ରଦାନ, ଚାଷୀଙ୍କୁ ବୀମାରାଶି ପ୍ରଦାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ବ୍ଲକ୍‌ର ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା ନେତୃମଣ୍ଡଳୀ।

# ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ

ସମ୍ବଲପୁର,୨୭।୮(ବ୍ୟୁରୋ)

- ମରୁଡ଼ି ଘୋଷଣା ଦାବି
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସମ୍ବଲପୁର ଜିଲାରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ସମବାୟ ସମିତି ଓ ଲ୍ୟାମ୍ପସ୍‌ଗୁଡ଼ିକରେ ସାର ମହଜୁଦ ନ ଥିବାବେଳେ ଖୋଲା ବଜାରରେ ୬ ଶହରୁ ୭ ଶହ ଟଙ୍କାରେ ବିକ୍ରି ହେଉଛି। ଏହାକୁ ନେଇ ପ୍ରଶାସନ ଚୁପ ବସିଛି। ଡିଲରମାନଙ୍କୁ ଯୋଗାଇ କୋଟି କୋଟି ଟଙ୍କାର ବେପାର କରାଯାଉଛି। ଅନ୍ୟପଟେ ଶ୍ରାବଣ ମାସ ଶେଷ ହୋଇଥିଲେ ମଧ୍ୟ ବର୍ଷାର ଦେଖା ନାହିଁ। ଗଜା ମରୁଡ଼ି ହୋଇଛି। ରୁଆ ଓ ବୁଣା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ତେଣୁ ଜିଲାକୁ ମରୁଡି ଘୋଷଣା କରାଯାଉ। ସରକାର ଚାଷୀଙ୍କ ହିତ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ତା'ର ହିସାବ ଦିଅନ୍ତୁ ବୋଲି ଶୁକ୍ରବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଚାଷୀମାନେ ସରକାରଙ୍କ ଉପରେ ବର୍ଷିଥିଲେ।

ଜିଲା କୃଷକ ସଙ୍ଗଠନ ସଭାପତି ମୁରାରୀ ପୁରୋହିତଙ୍କ ନେତୃତ୍ୱରେ ଚାଷୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ, ରାଜ୍ୟ ସରକାର ଖବରଦାତା ସମ୍ମିଳନୀ କରି ଚାଷୀଙ୍କ ପାଇଁ କାମ କରୁଥିବା ସୂଚନା ଦେଉଛନ୍ତି। ଚାଷୀଙ୍କ ପାଇଁ ଚିନ୍ତିତ ଥିବା ନାଟକ କରୁଛନ୍ତି। ସମଗ୍ର ରାଜ୍ୟରେ ମରୁଡ଼ି ପରିସ୍ଥିତି ରହିଛି। ଯଦି ଚାଷୀଙ୍କ ପାଇଁ ଚିନ୍ତା କରୁଛନ୍ତି ତା'ହେଲେ ମରୁଡ଼ି ଘୋଷଣା କାହିଁକି କରାଯାଉ ନାହିଁ। ଜିଲାର ଅଧିକାଂଶ ସ୍ଥାନରେ ମରୁଡି ହୋଇସାରିଛି। ଅନ୍ୟପଟେ ପ୍ରତିବର୍ଷ ଭଳି ୟୁରିଆ ସାର ଅଭାବ ଦୂର ହୋଇପାରିଲା ନାହିଁ। ଏକର ପିଛା ୨ ବସ୍ତା ସାର ଚାଷୀଙ୍କୁ ଦିଆଯାଉଛି। ସମବାୟ ସମିତିରେ ଜଣେ ଚାଷୀଙ୍କୁ ସର୍ବାଧିକ ୨୦ ବସ୍ତା ମିଳୁଛି। ସାର ପାଇଁ କଡ଼ା ନିୟମ କରିଛନ୍ତି। ହେଲେ ମଧ ସାର ଯୋଗାଇବାରେ ବିଫଳ ହୋଇଛନ୍ତି। ଚାଷୀ ପ୍ରତି ହେଉଥିବା ଅତ୍ୟାଚାର ଅସହ୍ୟ ହୋଇପଡୁଛି। ଆଗାମୀ ଦିନରେ ଚାଷୀମାନେ ଏହାକୁ ନେଇ ପ୍ରତି ପଞ୍ଚାୟତରେ ସଭା କରିବେ। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ପ୍ରତି କରୁଥିବା ଅନ୍ୟାୟ ସମ୍ପର୍କରେ ସଚେତନ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନଙ୍କ ସମେତ ସଙ୍ଗଠନ ସଦସ୍ୟ ଦେବେନ୍ଦ୍ର ପ୍ରଧାନ, ବ୍ୟୋମକେଶ ଠାକୁର, ବିଭୁ ପଟ୍ଟନାୟକ, ସରୋଜ ମହାନ୍ତି, ଉମେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରେରଣ କରାଯାଇଥିଲା।



ଜିଲାପାଳଙ୍କ ଅଫିସ ଆଗରେ କୃଷକ ସଙ୍ଗଠନ ନେତାଙ୍କ ସହ ଚାଷୀମାନେ।

**ବାଇକ୍ ଦୁର୍ଘଟଣାରେ ଯୁବକ ମୃତ**

ନୂଆପଡ଼ା ଅଫିସ: ନୂଆପଡା ଜିଲା ବେଲଟୁକୁରି ଥାନା କୁଲିହାବନ୍ଧା ଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଲିହାବନ୍ଧା ଗାଁର ଦିନେଶ ପଟେଲ (୨୮)। ଗୁରୁବାର ସନ୍ଧ୍ୟାରେ ଦିନେଶ ବାଇକ୍ (ନଂ.ସିଜି୦୬ଜିଏଚ-୨୫୬୪) ଯୋଗେ ପରକୋଡକୁ ଆସିଥିଲେ। ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ କୁଲିହାବନ୍ଧା କେନ୍ଦୁପତ୍ର ଫଡିଘର ନିକଟରେ ଏକ କୁକୁର ବାଇକ୍ ସାମନାକୁ ଚାଲି ଆସିଥିଲା। କୁକୁର ଦେହରେ ବାଇକ୍ ବାଜିବାରୁ ଦିନେଶ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବର୍ଷା ଅଭାବରୁ ମରୁଡ଼ି ସ୍ଥିତି

ଗୋଲାମୁଣ୍ଡା,୨୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ୨୮ଟି ପଞ୍ଚାୟତରେ ଚଳିତବର୍ଷ ବର୍ଷା ଅଭାବରୁ ଖରିଫ ଫସଲକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଏହି ବ୍ଲକ ସମ୍ପୂର୍ଣ୍ଣ ଅଣଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି। କିନ୍ତୁ କିଛିବର୍ଷ ହେବ ବର୍ଷାର ଲୁଚକାଳି ଚାଷୀଙ୍କୁ ଚାଷରେ କ୍ଷତି ସହିବାକୁ ପଡୁଛି। ଚଳିତବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନରେ ଚାଷୀ ବେଶ ଖୁସି ହୋଇଥିଲା। ମୌସୁମୀ ଠିକ ସମୟରେ ମଧ ପହଞ୍ଚିବା ପରେ ଚାଷୀକୁଳ ଆନନ୍ଦିତ ହୋଇ ଚାଷ କାର୍ଯ୍ୟ କରିଥିଲେ। ଧାନ ବୁଣା ସହ ତଳି ଘରା ମଧ ପକାଇଥିଲେ। ଧାନ ଗଛ ସବୁ ବୃଦ୍ଧି ହୋଇଗଲା। ଚାଷ କାର୍ଯ୍ୟ ଆରମ୍ଭରୁ ପ୍ରାୟ ୭୦/୭୫ ଦିନ ହେଲା ଆଜି ପର୍ଯ୍ୟନ୍ତ ଭଲ ବର୍ଷା ହୋଇନି। କେବେ କେମିତି ଅଳ୍ପ ପରିମାଣରେ ଯାହା ସମୁଦ୍ରକୁ ଶଙ୍ଖେ ପରି। ଫଳରେ ରୁଆ ବେଉଷଣ କାର୍ଯ୍ୟ ଠପ ହୋଇଗଲା। ଶ୍ରାବଣ ଶେଷ ହୋଇ ଭାଦ୍ରବ ମାସ ଆରମ୍ଭ ହେଲାଣି। ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ କିଛିଟା ଦିନ ଥିବା ବେଳେ ଏଭଳି ସ୍ଥିତିରେ ମରୁଡ଼ି ଆଶଙ୍କା ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ବର୍ଷାର ଅଭାରୁ ଚାଷ ନଷ୍ଟ ନେଇ ଚିନ୍ତିତ ଥିବାବେଳେ ପରିବାର ପ୍ରତିପୋଷଣ ନିମନ୍ତେ ଅନ୍ୟ କୌଣସି କାମଧନ୍ଦା ନ ଥିବାରୁ ନୂଆଁଖାଇ ପରେ ବାହାର ରାଜ୍ୟକୁ ଦାଦନ ଯିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡୁଛି। ଚାଷ ନିମନ୍ତେ ବ୍ୟାଙ୍କ ଓ ମହାଜନୀଙ୍କଠାରୁ କରିଥିବା ଧାର କରଜ ଶୁଝିବା ସମ୍ଭବ ନ ଥିବାରୁ ଚାଷୀ ଚିନ୍ତାରେ ପଡିଯାଇଛନ୍ତି।



ଚାଷ ଜମି ବର୍ଷା ଅଭାବରୁ ଶୁଖି ପଡ଼ିଛି।

- ହାତ ବାନ୍ଧି ବସିଛନ୍ତି ଶ୍ରମିକ
- ଦାଦନ ଯିବା ପାଇଁ ସଜବାଜ
- ଗୋଲାମୁଣ୍ଡାରେ ବର୍ଷା ଅଭାବ

ଏଭଳି ପରିସ୍ଥିତିରେ ଚଳିତ ସପ୍ତାହରେ ବର୍ଷା ହେଲେ ମଧ ଚାଷ ହେବା ସମ୍ଭାବନା ନାହିଁ ବୋଲି ଚାଷୀମାନେ କହୁଛନ୍ତି। ଗୋଲାମୁଣ୍ଡା ଆଞ୍ଚଳକୁ ସରକାର ମୁରୁଡ଼ି ଘୋଷଣା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏହି ବିଷୟରେ ବ୍ଲକ କୃଷି ଅଧିକାରୀ ଲିଙ୍ଗରାଜ ମେହେରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଏହା ଆରଆଇ ଏବଂ ଭିଏଡବ୍ଲୁଙ୍କ ମିଳିତ ଉଦ୍ୟମରେ ସର୍ବେକ୍ଷଣ ହେବ। କିନ୍ତୁ ଏ ପର୍ଯ୍ୟନ୍ତ କିଛି ଚିଠି ଆସିନାହିଁ ବୋଲି କହିଛନ୍ତି।

**ଚାଷୀ ଯାହା କୁହନ୍ତି...**



ମୋ ଜମିରେ କରଜ କରି ଚାଷ କରିଛି। ଡିଜେଲ ପମ୍ପ ସାହାଯ୍ୟରେ ପାଣି ମଡାଇ ଧାନ ରୋଇଥିଲି। କିନ୍ତୁ ବର୍ଷାଭାବ ଯୋଗୁ ଜମିରୁ ପାଣି ସୁଖି ମାଟି ଫାଟି ଆଁ କରିଛି। ତେଣୁ କରି ସରକାରଙ୍କ ସହାୟତାକୁ ଅପେକ୍ଷା କରିଛୁ।

**ଭୟ ମାଝି, ଶୋସିଆ ଗାଁ**



ମୁଁ ଜଣେ ଚାଷୀ ମୋର ୪ ଏକର ଜମିରେ ଧାନ ରୁଆ କରିଛି । ବର୍ଷା ଅଭାବରୁ ଧାନ ସବୁ ନଷ୍ଟ ହୋଇଗଲାଣି। ଆମ ଆଞ୍ଚଳକୁ ସରକାର ମରୁଡ଼ି ଘୋଷଣା କରିବା ଜରୁରୀ ହୋଇ ପଡିଛି।

**ଗଜିନ୍ଦ୍ର ନାଏକ, ଶୋସିଆ ଗାଁ**

# ଜମିରେ ଗୋରୁ ଚରିଲେ

ପଲମ,୨୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ଶ୍ରାବଣରେ ବର୍ଷା ସମ୍ପୂର୍ଣ୍ଣ ଉଭାନ। ଫଳରେ ବ୍ଲକରେ ମରୁଡ଼ିର ପଦଧ୍ୱନି ଦେଖାଦେଇଛି। ଶ୍ରାବଣ ସରି ଭାଦ୍ରବ ହେଲାଣି, ହେଲେ ରୁଆ ବିହୁଡ଼ା କାମ ଆରମ୍ଭ ହୋଇନାହିଁ। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଲରେ ଥିବା ଧାନ ତଳି ପ୍ରବଳ ଖରାରେ ପୋଡ଼ି ମରିବାକୁ ବସିଲାଣି। ନଦୀ ନାଳ ନିକଟରେ ଥିବା କ୍ଷେତରେ ଚାଷ କରାଯାଇଥିବା ବେଳେ ନଦୀ ନାଳରେ ପାଣି ଅଭାବ ଯୋଗୁ ତାହା ମଧ୍ୟ ସମ୍ଭବ ହୋଇପାରୁନାହିଁ। ବିଶେଷ ଭାବେ ଟର୍କଲା, ଗିଗିନା, ମୁସ୍କୁଟି, ରୁପ୍ରା, କର୍ମେ ଓ ପଲମ ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ମରୁଡି ଦେଖାଯାଉଛି। ବିଲ ବାଡିରେ ମୁନ୍ଦାଏ ମଧ ପାଣି ନାହିଁ। ଚାଷ ଜମିରେ ଗୋରୁ ଗାଇ ଚରୁଛନ୍ତି। ଚାଷୀମାନେ ଧାରକରଜ କରି ଶାହୁକାର, ବ୍ୟାଙ୍କରୁ ଋଣ ଆଣି ଚାଷ କାର୍ଯ୍ୟରେ ବିନିଯୋଗ କରିଥିବାବେଳେ ଋଣ ପରିଶୋଧ କରିବା ପାଇଁ ଚାଷୀଙ୍କ ମୁଣ୍ଡରେ ଚଡକ ପଡୁଛି। କରୋନା ଭୟ ଲୋକଙ୍କ ମନରୁ ଯାଇ ନ ଥିବା ବେଳେ ବର୍ତ୍ତମାନ ମରୁଡି ପରିସ୍ଥିତି ମୁକାବିଲା ପାଇଁ ଚାଷୀକୁଳ ନିଜ ପରିବାର ପ୍ରତିପୋଷଣ କରିବା କଷ୍ଟ ସାଧ ହୋଇପଡୁଛି। ସରକାର ଚାଷୀମାନଙ୍କ କ୍ଷତିଗ୍ରସ୍ତ ଚାଷ ଜମି ତଦନ୍ତ କରି ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ପାଇଁ ସାଧାରଣରେ ଦାବି ହେଉଛି।



ବର୍ଷା ଅଭାବରୁ ନର୍ଲା ବ୍ଲକ ଆଲିମ ଗାଁର ଚାଷ ଜମିରେ ଗୋରୁ ଚରୁଛନ୍ତି।

**ଚାଷୀଙ୍କ ମୁହଁରୁ....**



ଚଳିତବର୍ଷ ମୁଁ ଋଣ କରି ୫ ଏକର ଜମିରେ ଧାନ ଚାଷ କରିଥିଲି। ବର୍ଷା ଅଭାବରୁ ବର୍ତ୍ତମାନ ସୁଦ୍ଧା ବେଉଷଣ କିମ୍ବା ରୁଆ କରି ପାରିନାହିଁ।

**ପବିତ୍ର ମାଝି, ମୁଣ୍ଡାପଲା**



ଏ ବର୍ଷ ବ୍ୟାଙ୍କ ଲୋନ କରି ପ୍ରାୟ ୧୦ ଏକରରୁ ଅଧିକ ଜମିରେ ଚାଷ କରିଥିଲି । ମାତ୍ର ବର୍ଷା ଅଭାବ ଫଳରେ ଚାଷ କାର୍ଯ୍ୟ ହୋଇନାହିଁ। ବର୍ତ୍ତମାନ ସେହି ଜମିରେ ଗାଇଗୋରୁ ଚରୁଛନ୍ତି।

**ଚାନ୍ଦୁଲାଲ ସାହୁ, ମୁଣ୍ଡାପଲା**



ମୋର ୧୬ ଏକର ଜମି ଧାନ ବୁଣିଥିଲି। ହେଲେ ବର୍ଷା ଅଭାବ ଯୋଗୁ ବର୍ତ୍ତମାନ ସେହି ଜମିରେ ମାଟି ଫାଟି ଆଁ କରିଛି। ଯଦି ରବି ଚାଷ ପାଇଁ ସରକାରୀସ୍ତରୀୟରୁ ବିହନ ଯୋଗାଇ ଦେଲେ ଚାଷ କରି ପରିବାର ପରିପୋଷଣ କରି ପାରିବି ।

**ପ୍ରହଲ୍ଲାଦ ସାହୁ, ଆଲିମ**

**ସଂକ୍ଷେପରେ**

## କଂଗ୍ରେସର ଜୋନସ୍ତରୀୟ ବୈଠକ

ବୌଦ୍ଧ,୨୭।୮(ସ୍ୱ.ପ୍ର.): ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ହରଭଙ୍ଗା ବ୍ଲକ କୁଟିଗାଡୁ ଗ୍ରାମରେ ୯ ନଂ. ଜୋନସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କୁମାର କର୍ଣ୍ଣଙ୍କ ଅଧକ୍ଷତାରେ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା ହେବା ସହ ଦଳକୁ ମଜଭୁତ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଜିଲା କଂଗ୍ରେସ ଉପସଭାପତି ସମରେଶ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ ନେଇ ଆମେ ଆଗକୁ କିପରି ବଢ଼ିବା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ ରମାକାନ୍ତ ଭୋଲ୍ଟା, ବାଜି ନାୟକ, ଚିତ୍ରସେନ ମଲିକ, ଗଣେଶ୍ୱର ଲଉରିଆ, ବିଜୟ ଦୀପ, ନାରାୟଣ ଦେହୁରୀ, ନିରକାର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଗଣେଶ ଲଉରିଆଙ୍କୁ ହରଭଙ୍ଗା ବ୍ଲକର ଓବିସି ସେଲ ଅଧକ୍ଷ, ୯ ନଂ. ଜୋନ ବ୍ଲକ କଂଗ୍ରେସ ବ୍ଲକ ସଂଯୋଜକ ଭାବେ ବିଜୟ ଦୀପ, କୃଷକ ସେଲର ସଂଯୋଜକ ଭାବେ ବାଲି ନାଏକ, ଆଦିବାସୀ ସେଲର ହରଭଙ୍ଗା ବ୍ଲକ ଅଧକ୍ଷ ଭାବେ ନାରାୟଣ ଦେହୁରୀ, ହରିଜନ ସେଲର ଅଧକ୍ଷ ଭାବେ ରମାକାନ୍ତ ବେହେରା, ମହିଳା କଂଗ୍ରେସ ସଂଯୋଜିକା ଭାବେ ଝୁନୁ ବଘାରଙ୍କୁ ଅବସ୍ଥାପିତ କରାଯାଇଥିଲା । ବୈଠକରେ ହରଭଙ୍ଗା ବ୍ଲକ କଂଗ୍ରେସ ଉପସଭାପତି ବେଣୁଧର ମେହେର, କୋଷାଧକ୍ଷ ପୋଲସ୍ତି ପ୍ରଧାନ, ଜିଲା କିଷାନ କଂଗ୍ରେସ ସାଧାରଣ ସମ୍ପାଦକ ବୁଦ୍ଧଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବଦଳିବ ଜୁନାଗଡ଼ ପୁରୁଣା ବସ୍ଷ୍ଟାଣ୍ଡର ରୂପରେଖ

ଜୁନାଗଡ,୨୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ପୁରୁଣା ବସଷ୍ଟାଣ୍ଡର ରୂପରେଖ ଖୁବଶୀଘ୍ର ବଦଳିବାକୁ ଯାଉଛି। ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଉଦ୍ୟମରେ ଏଠାରେ ଏକ ବିଜୁ ପଟ୍ଟନାୟକ ଟ୍ରେଡ୍ ଆଣ୍ଡ୍ କନଭେନଶନ୍ ସେଣ୍ଟର ନିର୍ମାଣ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ପୁରୁଣା ବସଷ୍ଟାଣ୍ଡଠାରେ ଏହାର ଲେଆଉଟ୍ ଡିଜାଇନର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ମନ୍ତ୍ରୀ କ୍ୟାପଟେନ୍ ମିଶ୍ର ଓ ସ୍ଥାନୀୟ ଲୋକଙ୍କୁ ଏନ୍ଏସି ଯନ୍ତ୍ରୀ ଅରୁଣ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର ଦେଖାଇଛନ୍ତି। ୧ ଏକର ସ୍ଥାନରେ ୫୦ ହଜାର ସ୍କୁଏର ଫୁଟ୍ ୩ ମହଲା ବିଶିଷ୍ଟ ହେବାକୁ ଥିବା ବିଜୁ ପଟ୍ଟନାୟକ ଟ୍ରେଡ୍ ଆଣ୍ଡ କନଭେନଶନ୍ ସେଣ୍ଟରରେ ୬୦ଟି ଉପରତଳ ମାର୍କେଟ କମ୍ପଲେକ୍ସ, ୨ଟି ମଲ୍, ୩ଶହ ସିଟ୍ ବିଶିଷ୍ଟ କନଫରେସିଂ ହଲ, ଶହେ ଓ ୫୦ ସିଟ୍ ବିଶିଷ୍ଟ ମ୍ୟାରେଜ ପେଲେସ, ପାର୍କିଂ ଓ ଲୋକଙ୍କ ମନୋରଞ୍ଜନ, ଆମୋଦ ପ୍ରମୋଦ ଅତ୍ୟାଧୁନିକ ପାର୍କ ନିର୍ମାଣ ରହିବ। କନଫରେସିଂ ହଲରେ ଇକୋ ସାଉଣ୍ଡ ସିଷ୍ଟମ, ଅତ୍ୟାଧୁନିକ ଆଲୋକୀକରଣର ବ୍ୟବସ୍ଥା ସହ ଲିଫ୍ଟର ବ୍ୟବସ୍ଥା ରହିବ ବୋଲି ଜଣାପଡିଛି। ଏହି ସମୟରେ ମନ୍ତ୍ରୀଙ୍କ ସହ ପୂର୍ବତନ ଏନ୍ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ମହିଚଲା ସରପଞ୍ଚ ଅଜୟ ବେହେରା, ବିଶିଷ୍ଟ ବ୍ୟବସାୟୀ ଲଳିତ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସରୋଜ ପଣ୍ଡା, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ଅବସରପ୍ରାପ୍ତ ଯନ୍ତ୍ରୀ ନିର୍ମଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଓ ସ୍ଥାନୀୟ ଲୋକେ ବ୍ଲୁ ପ୍ରିଣ୍ଟ ଦେଖୁଛନ୍ତି।

**ବିଜୁ ପଟ୍ଟନାୟକ ଟ୍ରେଡ୍ ଆଣ୍ଡ୍ କନଭେନଶନ ସେଣ୍ଟର ନିର୍ମାଣ ହେବ**

# ଯାଦବ ସମାଜର ସାଧାରଣ ସଭା

ନୂଆପଡ଼ା ଅଫିସ,୨୭।୮

ନୂଆପଡା ଜିଲା ସିନାପାଲି ବ୍ଲକ ନୂଆମାଲପଡାଠାରେ ଶୁକ୍ରବାର ଯାଦବ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁମୁଣ୍ଡା ଆଞ୍ଚଳିକ ଯାଦବ ସମାଜ ଗଣେଶ ପୋଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜୀବ ବେମାଲ, ଗୌରାଙ୍ଗ ବନ୍ଦିଛୋର, ସନ୍ତରାମ କାଣ୍ଡ, ଚୂଡାମଣି ହଂସ, ହଳଧର ପୁଞ୍ଜି, ଦେବେନ୍ଦ୍ର ହଂସ ଅତିଥି ଭାବେ ଯୋଗଦେଇଥିଲେ। ଗତ ୧୧ ତାରିଖରେ ସିନାପାଲି ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ଗାଧୁଆ ତୁଠରୁ ଟେକି ନେଇ ୨ଜଣ ଯୁବକ ବଳାତ୍କାର କରିଥିଲେ। ଏହି ଘଟଣାକୁ ନେଇ ସିନାପାଲି ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହି ଘଟଣାକୁ ନେଇ କେନ୍ଦୁମୁଣ୍ଡା ଆଞ୍ଚଳିକ ଯାଦବ ସମାଜ ଏକ ସାଧାରଣ ସଭା ନୂଆମାଲପଡା ଅନୁଷ୍ଠିତ ହୋଇଯାଇଛି। ସଭାରେ ବଳାତ୍କାର କରିଥିବା ୨ଜଣଙ୍କୁ କଠୋର ଦଣ୍ଡ ମିଳିବା ଉଚିତ ବୋଲି ଉପସ୍ଥିତ ଯାଦବମାନେ ପ୍ରକାଶ କରିଥିଲେ।

# ଜେଲ ଗଲେ ଅଭିଯୁକ୍ତ

**ନାବାଳିକାଙ୍କୁ ଅପହରଣ ସହ ଅସଦାଚରଣ ଅଭିଯୋଗ**

ଖପ୍ରାଖୋଲ,୨୭।୮(ଡି.ଏନ.ଏ.)

ଜଣେ ନାବାଳିକାଙ୍କୁ ଅପହରଣ କରି ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଖପ୍ରାଖୋଲ ଥାନା ମଟିଆଭଟା ପଞ୍ଚାୟତ ଅନକାମରା ଗାଁର ଅଜିତ ବେହେରା (୩୦)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଜଣାଯାଇଛି।

ଅଭିଯୋଗ ଅନୁସାରେ, ମଟିଆଭଟା ଗାଁର ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଅଜିତ୍ ଭଲ ପାଉଥିଲେ। ଗତ ୨୩ ତାରିଖ ଦିନ ନାବାଳିକା ପଢୁଥିବା କଲେଜରୁ ଅଭିଯୁକ୍ତ ଖାଇବାକୁ ଯିବାକୁ କହି ଏକ ବୋଲେରୋରେ ନିଜ ଗାଁକୁ ନେଇ ଯାଇଥିଲେ। ସେଠାରେ ଅଜିତ୍ଙ୍କ ପରିବାର ଅନ୍ୟ ଜାତିର ହୋଇଥିବାରୁ ନାବାଳିକାଙ୍କୁ ଘରେ ପୁରାଇବାକୁ ମନା କରିଥିଲେ। ଫଳରେ ରାତିରେ ଅନ୍ୟ ଏକ ଗାଁରେ ନାବାଳିକାଙ୍କୁ ଛାଡି ଚାଲି ଯାଇଥିଲେ। ନାବାଳିକାଙ୍କୁ ଅପହରଣ ପୂର୍ବରୁ ଅଭିଯୁକ୍ତ ଅନେକ ଥର ବିବାହର ପ୍ରତିଶ୍ରୁତି ଦେଇ ଅସଦାଚରଣ କରିଥିବା ପୀଡିତାଙ୍କ ବାପା ଖପ୍ରାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ ୧୨୩/୨୧ରେ ଏକ ମାମଲା ରୁଜୁ ହୋଇଛି। ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଛି।

# ବିଦେଶୀ ମଦ ଜବତ: ଦୋକାନ ମାଲିକ ଗିରଫ

ବେଲପଡା,୨୭।୮

ବେଲପଡା ଥାନା ଅନ୍ତର୍ଗତ ରାଉବାହାଲ ଗ୍ରାମର ପ୍ରକାଶ ବେହେରାଙ୍କ କିରାନା ଦୋକାନରେ ଗୁରୁବାର ପୋଲିସ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଦୋକାନ ମାଲିକଙ୍କୁ ଗିରଫ କରାଯାଇଛି। ବେଆଇନ ମଦ ରଖିଥିବା ଫ୍ରିଜ, ଫ୍ରିଜରକୁ ମଧ ଜବତ କରାଯାଇଛି। ଜବତ ମଦର ମୂଲ୍ୟ ଆନୁମାନିକ ୧୫ ହଜାର ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ସଂପର୍କରେ ବେଲପଡା ଥାନାରେ ନଂ ୧୭୯ ରେ ମକଦ୍ଦମା ରୁଜୁ ହୋଇଛି। ଗିରଫ ବ୍ୟକ୍ତି ଜଣକ ପାଟଣାଗଡ ଅଞ୍ଚଳରୁ ବେଆଇନ ମଦ ଆଣି ଘରେ ଗଛିତ ରଖି ଲୋକଙ୍କୁ ଚଢାଦରରେ ବିକ୍ରି କରୁଥିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା ।

# ଜୁନାଗଡ଼ର ବିକାଶ ଉପଲକ୍ଷେ 'ଆକାଂକ୍ଷା' କର୍ମଶାଳା



କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହିତ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉପସ୍ଥିତ ଅଛନ୍ତି।

ଜୁନାଗଡ,୨୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଚମେଲିଦେବୀ ମହାବିଦ୍ୟାଳୟରେ ଶୁକ୍ରବାର ଜୁନାଗଡର ବିକାଶ ନେଇ ଆକ୍ଷାଂକା ନାମକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ମହିଳା ସଶକ୍ତକରଣ, ସଂସ୍କୃତି ଓ ପର୍ଯ୍ୟଟନ, କୃଷି ଓ କ୍ରୀଡା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପୂର୍ବତନ କଲେଜ ଅଧକ୍ଷ ଡ.ଅଜୟ ମିଶ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରିୟମଞ୍ଜରୀ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରାମର୍ଶଦାତା ଭାବେ ଦେବେନ୍ଦ୍ର ବିଶି, ବଙ୍କିମ ମୁଣ୍ଡ, ଲିଙ୍ଗପାତ୍ର ଗୋବିନ୍ଦ ସାହୁ ପ୍ରମୁଖ ରହିଥିଲେ। କର୍ମଶାଳାରେ ଜୁନାଗଡ ସହରର ଅନେକ ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

# ଭୂ-ଅଧିକାର ପାଇଁ ଆଦିବାସୀଙ୍କ ଧାରଣା

ନୂଆପଡ଼ା ଅଫିସ,୨୭।୮

ଆଦିବାସୀମାନଙ୍କ ଜଙ୍ଗଲ ଜମି ଭୂ-ଅଧିକାର ପଟ୍ଟାକୁ ରଦ୍ଦ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ନୂଆପଡା ସଦର ବ୍ଲକ ଆଦିବାସୀମାନେ ହକ୍ ଦାବି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ନ ହେଲେ ଆସନ୍ତା ସେପ୍ଟେମ୍ବର ୭ରେ ଜିଲାର ସମସ୍ତ ଆଦିବାସୀ ନିଜର ଅସ୍ତ୍ରସସ୍ତ୍ର, ଧନୁତୀର, ବର୍ଚ୍ଛା, ଟାଙ୍ଗିଆ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲାପାଳଙ୍କ ପ୍ରତିନିଧି ସୁଶାନ୍ତ କୁମାର ରଣା ଧାରଣାରତ ଆଦିବାସୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘ ଦିନରୁ ଆଦିବାସୀମାନେ ଜଙ୍ଗଲ ଜମି ଉପରେ ଦଖଲ କରି ଆସୁଥିବା ବେଳେ ୩୧୭ଜଣ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ ଜିଲାସ୍ତରୀୟ କମିଟିରେ ମଞ୍ଜୁର ହୋଇଥିଲା। ତାହା ବର୍ତ୍ତମାନ ଚାଷ ଯୋଗ୍ୟ ନୁହେଁ। ଜଙ୍ଗଲ ଯୋଗ୍ୟ ଜମି ବୋଲି ପ୍ରଶାସନ ପକ୍ଷରୁ ଜମି ଛାଡିଦେବା ପାଇଁ ନୋଟିସ ଦିଆଯାଇଛି। ଏହାକୁ ବିରୋଧ କରି ଶୁକ୍ରବାର ଶତାଧିକ ଆଦିବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଧାରଣା ଦେଇଥିଲେ। ଧାରଣାରେ ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ଭକ୍ତବନ୍ଧୁ ଧରୁଆ, ଚୁମାଲାଲ ମାଝି, ଯାଦରାମ ମାଝି, ଲାଲସିଂ ମାଝି, ରୋହିତ ରାଉତ, ପୁରୁଷୋତ୍ତମ ଖଏରା, ପ୍ରେମସିଂ ମାଝି, ଗୋପିନାଥ ମାଝି, ହିରାଲାଲ ମାଝିପ୍ରମୁଖ ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ଧାରଣାରେ ବସିଛନ୍ତି।

# ଜେଲ୍ ପରିସରରୁ ବିପୁଳ କଫ୍ ସିରପ୍ ଜବତ

ବରଗ ଅଫିସ,୨୭।୮

ବରଗଡ଼ ସହରରେ ନିଶା କାରବାର ନିତିଦିନିଆ ଘଟଣା ହୋଇଛି। ସହରର ଗଳିକନ୍ଦିରେ ଏହା ଅବାଧରେ ଚାଲିଛି। ଏପରିକିଏଥିରୁ ସ୍ଥାନୀୟ ଉପ କାରାଗାର (ସବ୍‌ଜେଲ) ପରିସର ବାଦ୍ ପଡିନାହିଁ। ଶୁକ୍ରବାର ବରଗଡ଼ ଟାଉନ ଥାନା ପୋଲିସ ଏଠାରେ ଅତର୍କିତ ଚଢାଉ କରି ସବ୍‌ଜେଲ ସୁଇପର ଆକାଶ ସିନ୍ଧ୍ରିଆଙ୍କ କ୍ୱାର୍ଟରରୁ ପ୍ରାୟ ୨ହଜାର ବୋତଲ କଫ୍ ସିରପ୍ ଜବତ କରିଛି। ସୁଇପର ସିନ୍ଧ୍ରିଆଙ୍କୁ ଥାନାକୁ ଆଣି ଅଧିକ ପଚରାଉଚୁରା କରାଯାଉଛି। ଏହି କାରବାରରେ ନିଶା ମାଫିଆ ସାମିଲ ଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି, ଏହି ଘଟଣାର ଅଧିକ ତଦନ୍ତ ଚାଲିଛି। ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି। ଜେଲ୍ କର୍ମଚାରୀଙ୍କ କ୍ୱାର୍ଟରରେ କଫ ସିରପ୍ ସୁରକ୍ଷିତ ରହିବା ନିଶା ମାଫିଆମାନେ ଉଚିତ ମଣିଥିବା ଏବଂ ସେଠାରୁ ଜେଲରେ ବିଚାରାଧୀନ ନିଶା ଅଭ୍ୟସ୍ତ ବନ୍ଦୀମାନଙ୍କୁ ତାହା ଯୋଗାଇ ଦିଆଯାଉଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାସହିତ ନିଶା ମାଫିଆମାନେ ସେଠାରେ କଫ୍ ସିରପ୍ ଗଚ୍ଛିତ ରଖି ଅନ୍ୟତ୍ର ତାହା ଚାଲାଣ କରୁଥିଲେ ବୋଲି ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ଜେଲର ଅଞ୍ଜଳି ପଟେଲ କହିଛନ୍ତି, ଘଟଣା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ପୋଲିସ ଚଢାଉ କରିଥିଲା ଏବଂ ପୋଲିସ ହିଁ ସେ ନେଇ କହିପାରିବ। ତେବେ ପୋଲିସ ଚଢାଉ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସାରିଛନ୍ତି ଏବଂ ସମ୍ପୃକ୍ତ ସୁଇପରଙ୍କ ବିରୋଧରେ ନିଶ୍ଚୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେଲର ପଟେଲ କହିଛନ୍ତି।



ସୁଇପରଙ୍କ କ୍ୱାର୍ଟର୍ସରେ ପୋଲିସ ଚଢାଉ କରୁଛି।

- ଜେଲ୍ ସୁଇପରଙ୍କ କ୍ୱାର୍ଟର୍ସରୁ ମିଳିଲା
- ବିଚାରାଧୀନ ବନ୍ଦୀଙ୍କୁ ଯୋଗାଉଥିବା ସନ୍ଦେହ
- ସୁଇପରଙ୍କୁ ଅଟକ ରଖି ପୋଲିସର ତଦନ୍ତ
- ନିଶା ମାଫିଆଙ୍କ ସମ୍ପୃକ୍ତି ସନ୍ଦେହ

### ବୋଲେରୋ ସହ ଗଞ୍ଜେଇ ଜବତ

ବାଉଁଶୁଣୀ,(ଡି.ଏନ୍.ଏ.): କନ୍ଧମାଳ ପୋଲିସ ଗଞ୍ଜେଇ ସହ ଏକ ବୋଲେରୋକୁ ଧରିବାରେ ସଫଳ ହୋଇଥିବାବେଳେ ଏ ଘଟଣାରେ ମଧ ଚାଲାଣକାରୀ ଚମ୍ପଟ ମାରିବାରେ ସଫଳ ହୋଇଛି। ଭୋର ପ୍ରାୟ ୫ଟାରେ ଗଞ୍ଜେଇ ଚାଲାଣ ହେଉଥିବା ଖବର କନ୍ଧମାଳ ପୋଲିସ ପାଇଥିଲା। ସେଥିପାଇଁ ପ୍ରସ୍ତୁତ ହୋଇ ଭୋର ସମୟରେ ଛକି ବସିଥିଲା। କନ୍ଧମାଳ ନିକଟ କଲରାକୋଠା ଓ ଥପାପାଲି ଗ୍ରାମ ରାସ୍ତାରେ ଚଢ଼ାଉ କରି ୨୨୦ କିଲୋଗ୍ରାମ ଗଞ୍ଜେଇ ସହ ଏକ ନମ୍ବର ବିହୀନ ବୋଲେରୋ ଜବତ କରିଛି।

## ସଂକ୍ଷେପରେ

### ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର ପ୍ରଦାନ

ଲୋଇସିଂହା,୨୭।୮(ଡି.ଏନ.ଏ.): ଶ୍ରାବଣ ଯାଇ ଭାଦ୍ରବ ଆସିଲା। ହେଲେ ଚଳିତବର୍ଷ ଚାଷୋପଯୋଗୀ ବର୍ଷା ଏଯାଏ ହେଲାନାହିଁ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଲୋଇସିଂହା ବ୍ଲକ ସମେତ ସମଗ୍ର ବଲାଙ୍ଗୀର ଜିଲାକୁ ମରୁଡ଼ି ଘୋଷଣା କରିବା ସହ କୃଷିଋଣ ଛାଡ କରିବାକୁ ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଯୁବନେତା ଆକାଶ ମିଶ୍ରଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଲୋଇସିଂହା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଜୟ କୁମାର ହୋତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଗତ ବର୍ଷରେ ମରୁଡ଼ି ଶିକାର ହୋଇ ଚାଷୀମାନେ କୃଷି ବୀମା ସହାୟତା ପାଇବାରୁ ବଞ୍ଚିତ ହୋଇଥିଲେ। ବୀମା କମ୍ପାନୀର ଟାଳଟୁଳ ନୀତି ଯୋଗୁ ଚାଷୀମାନେ ଚଳିତବର୍ଷ କୃଷି ବୀମା ଟଙ୍କା ଭରିବାରେ ଆଗ୍ରହ ଦେଖାଇ ନ ଥିଲେ। ବୀମା କରିବାରୁ ବଞ୍ଚିତ ଚାଷୀଙ୍କୁ କୃଷି ବୀମା କରିବା ପାଇଁ ସମୟ ଦିଆଯାଉ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି। ଏହାଛଡା ସରକାର ମରୁଡ଼ି ସହ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଜରୁରୀକାଳୀନ ସହାୟତା ଦେବାକୁ ଦାବି ହୋଇଛି।

### ମଉଳି ଯାଉଛି ଚାକିରି ପାଇବା ଆଶା


ପବିତ୍ର ମାଝୀ

ଲାଠୋର,୨୭।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଫୁଲକିମୁଣ୍ଡା ଗ୍ରାମର ପବିତ୍ର ମାଝୀ ନାମକ ଜଣେ ଯୁବକ ଆଇଟିବିପି ପରୀକ୍ଷାରେ ପାସ କରିଥିଲେ ସୁଦ୍ଧା ଅଦ୍ୟାବଧି ଚାକିରି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କର ଚାକିରି ପାଇବା ଆଶା ଧୀରେ ଧୀରେ ମଉଳିବାରେ ଲାଗିଛି। ପବିତ୍ର ଗତ ୨୦୧୮ରେ ଇଣ୍ଡୋ ତିବେଟିଆନ ବର୍ଡର ପୋଲିସ ଫୋର୍ସ(ଆଇଟିବିପି) ପଦବୀ ପାଇଁ ଷ୍ଟାପ ସିଲେକସନ କମିଶନ (ଏସଏସସି) ଜରିଆରେ ସମ୍ବଲପୁରଠାରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ଫଳ ୨୦୨୦ ଏସଏସସି ର ଅଫିସିଆଲ ୱେବସାଇଟରେ ପ୍ରକାଶ ପାଇଥିଲା। ଫାଇନାଲ ଲିଷ୍ଟରେ ପବିତ୍ର ଅରୁଣାଚଳ ପ୍ରଦେଶର ଆରଟିସି-କିମିନି ତାଲିମ କେନ୍ଦ୍ରରେ ତାଲିମ ନେବେ ବୋଲି ଉଲ୍ଲେଖ ଥିଲା। ହେଲେ ଏକା ସାଙ୍ଗେ ପାସ କରିଥିବା ପିଲାମାନେ ଆଜିକୁ ୩ ମାସରୁ ଊର୍ଦ୍ଧ୍ୱ ହେବ ତାଲିମ କେନ୍ଦ୍ରରେ ଯୋଗ ଦେଇ ତାଲିମ ନେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପବିତ୍ରଙ୍କୁ ନିଯୁକ୍ତି ପତ୍ର ଦିଆଯାଇ ନାହିଁ। ଏହାକୁ ନେଇ ସେ ବାରମ୍ବାର ନର୍ଥ-ୱେଷ୍ଟ ଫ୍ରଣ୍ଟିୟର ଲଦାଖ କଣ୍ଟ୍ରୋଲ ରୁମକୁ ଫୋନ କରିବାରେ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ ଚାଲିଛି, ମାସେ ଦୁଇ ମାସ ଲାଗିପାରେ ବୋଲି ଉତ୍ତର ଦିଆଯାଉଥିବା ପ୍ରକାଶ କରିଛନ୍ତି। କେବେ ପବିତ୍ରଙ୍କ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ ସରିବ ଏବଂ ତାଙ୍କୁ ତାଲିମ କେନ୍ଦ୍ରରେ ଯୋଗଦାନ ପାଇଁ ପତ୍ର ଦିଆଯିବ ସେନେଇ ସେ ଆଶଙ୍କାରେ ରହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଗମ୍ଭୀରତାର ସହ ନେଇ ପବିତ୍ରଙ୍କୁ ତାଲିମ କେନ୍ଦ୍ରରେ ଯୋଗଦାନ ଦେବାର ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

# 'ଶୀଘ୍ର ସମ୍ପୂର୍ଣ୍ଣ ଗଜାମରୁଡ଼ି ଘୋଷଣା କର'

■ଚାଷୀଙ୍କ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ
■କଣ୍ଟାବାଞ୍ଜି ବିଧାୟକ, ଚାଷୀ ଦେଲେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗୀର ଅଫିସ,୨୭।୮


ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ନେତା ଓ ଚାଷୀ ଜିଲାପାଳ କାର୍ଯ୍ୟାଳୟକୁ ଯାଉଛନ୍ତି।

ଚଳିତବର୍ଷ ବର୍ଷାରେ ଅନିୟମିତତା ଓ ସ୍ୱଳ୍ପବୃଷ୍ଟି ଯୋଗୁ ବଲାଙ୍ଗୀର ଜିଲାରେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳରେ ୫୦ ପ୍ରତିଶତରୁ କମ୍ ବର୍ଷା ଯୋଗୁ ଗଜା ମରୁଡ଼ି ଦେଖାଦେଇଛି। ଫଳରେ ଚାଷୀ ମହଲରେ ଭାଳେଣି ପଡିଯାଇଛି। ଏଭଳି ସ୍ଥିତିରେ ଶୁକ୍ରବାର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଗଜା ମରୁଡ଼ି ଅଞ୍ଚଳ ଭାବେ ଘୋଷଣା କରିବା ଦାବିରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯାଦବ ଭବନ ଠାରୁ ଏକ ରାଲିରେ ନିର୍ବାଚନମଣ୍ଡଳୀର ବହୁ ଚାଷୀ ଓ କଂଗ୍ରେସ କର୍ମୀ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କୁ ଏକ ପ୍ରତିନିଧି ଦଳ ଭେଟି ଦାବିପତ୍ର ପ୍ରଦାନ କରି ଓଡିଶା ରିଲିଫ୍ କୋଡର ଧାରା ୨୯ ଅନୁଯାୟୀ ତୁରନ୍ତ ସରକାର ୧୦୦ ପ୍ରତିଶତ ମରୁଡ଼ି ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ମରୁଡ଼ି କ୍ଷତିପୂରଣ ବାବଦକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏକର ପ୍ରତି ୨୦ ହଜାର ଟଙ୍କା ଲେଖାଏ ସମୁଦାୟ ୪୦ ହଜାର ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଶୀଘ୍ର ପ୍ରଦାନ କରବାକୁ ଦାବି କରିଥିଲେ। ଖରିଫ ଋତୁର ୧୦୦ ପ୍ରତିଶତ କୃଷି ବୀମା ରାଶି, ଓଡିଶା ରିଲିଫ୍ କୋଡ ଅନୁଯାୟୀ ଗରିବ ଲୋକଙ୍କୁ ଜିଆର୍ କାର୍ଡ, ଗୃହପାଳିତ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ଦାବି କରିଥିଲେ। ସମସ୍ତ ଗରିବ ଲୋକଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ୍ କାର୍ଡ ଯୋଗାଇ ଦେବା, ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଅଧିକ କାମ ଯୋଗାଇ ଦିଆଯିବା ଓ ଦାଦନ ପ୍ରବଣ ବ୍ଲକଗୁଡିକରେ ଏମଜିଏନ୍‌ଆରଇଜିଏ ଯୋଜନାର ୯୩ ଟଙ୍କାର ବକେୟା ପାଉଣା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ବିଧାୟକ ସାଲୁଜା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ସହ ଜିଲାର ଭୟାବହ ମରୁଡ଼ି ସ୍ଥିତିକୁ ଆଖି ଆଗରେ ରଖି ଜିଲାର ୧୪ଟି ବ୍ଲକର ୩୧୭ ଗ୍ରାମ ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବାକୁ ଦାବି କରିଥିଲେ। ଜିଲାରେ ଉଠାଜଳସେଚନ, ଗଭୀର କୂପ ଯୋଜନା ଫେଲ ମାରିଥିବା କହିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା କିଷାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, କଂଗ୍ରେସ ନେତା ମହାବୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ସହଯୋଗ, ସମ୍ମାନ ମିଳିଲେ ସାମର୍ଥ୍ୟ ଦେଖାଇବୁ'



ସ୍ୱୀକୃତି କାର୍ଯ୍ୟକ୍ରମ ଶୁଭାରମ୍ଭ ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୨୭।୮

**ବଲାଙ୍ଗୀର ଜିଲାରେ ସ୍ୱୀକୃତି କାର୍ଯ୍ୟକ୍ରମର ଶୁଭାରମ୍ଭ**

ବଲାଙ୍ଗୀର ଜିଲାରେ କିନ୍ନରଙ୍କ ଉନ୍ନତି, ସମାନତା ଓ ନ୍ୟାୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ ସ୍ୱୀକୃତି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ସଖା ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଜିଲାପାଳ ଚଞ୍ଚଳ ରାଣା, ଏସପି ନିତିନ୍ କୁଶଲକର, ଓଡିଶା କିନ୍ନର ଆଖଡା ସଭାପତି ମୀରା ପରିଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ ସଭାପତି ସୋମନାଥ ମିଶ୍ର, କିନ୍ନର ହେମାଙ୍ଗୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ସାଧନା ମିଶ୍ର ପରିଚାଳନା କରିଥିଲେ। ସଭାପତି ପରିଡା କହିଥିଲେ ଯେ, କିନ୍ନରମାନଙ୍କୁ ଟିକିଏ ସହଯୋଗ ଓ ସମ୍ମାନ ମିଳିଲେ ସେମାନେ ତାଙ୍କର ସାମର୍ଥ୍ୟ ଦେଖାଇ ଦେବେ। ମନ୍ତ୍ରୀ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ନରମାନଙ୍କ ପାଇଁ କଲ୍ୟାଣକାରୀ କାର୍ଯ୍ୟ ଜାରି ରଖିଛନ୍ତି। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କୌଣସି ରୂପରେ ଜନ୍ମ ନେବା ନିଜ ହାତରେ ନ ଥାଏ, ତେବେ କାର୍ଯ୍ୟ ଦ୍ୱାରା ସମାଜରେ ଗ୍ରହଣୀୟତା ବଢ଼େ। ଏ ଦିଗରେ କିନ୍ନରମାନେ ଏବେ ବହୁ ଆଗକୁ ଆସିଛନ୍ତି ବୋଲି କହିଥିଲେ। ଏସପି କୁଶଲକର କିନ୍ନରମାନଙ୍କ ଉନ୍ନତି ଦିଗରେ ସବୁ ପ୍ରକାର ସହଯୋଗ ଦେବେ ବୋଲି କହିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସାହୁ କିନ୍ନରମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଉପରେ କହିଥିଲେ। ଏହି ଅବସରରେ ଜଣେ କିନ୍ନରଙ୍କୁ ମଧୁବାବୁ ପେନ୍‌ସନ ପ୍ରଦାନ କରାଯାଇଥିଲା ଓ ୧୬ ଜଣଙ୍କୁ କିନ୍ନର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

# ଲୋୟର ସୁକ୍‌ତେଲ ଡ୍ୟାମ ପରିଦର୍ଶନ କଲେ କେନ୍ଦ୍ରୀୟ ଜଳ ଆୟୋଗ ଟିମ୍

ବଲାଙ୍ଗୀର ଅଫିସ,୨୭।୮


ଲୋୟର ସୁକ୍‌ତେଲ ଡ୍ୟାମରେ ସିଡବ୍ଲୁସି ଟିମ୍ ତଦାରଖ କରୁଛନ୍ତି।

■କେନ୍ଦ୍ରୀୟ ଅନୁଦାନ ମିଳିବା ଆଶା ବଢ଼ିଲା
■ନିର୍ମାଣାଧୀନ ଡ୍ୟାମ ସ୍ଥିତି ତଦାରଖ କଲେ

କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି)ର ଦୁଇଜଣିଆ ଟିମ୍ ଶୁକ୍ରବାର ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଡ୍ୟାମ ପରିଦର୍ଶନ କରି ଫେରିଥିବା ଜଣାପଡିଛି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ ଆଞ୍ଚଳିକ କାର୍ଯ୍ୟାଳୟ ନିର୍ଦ୍ଦେଶକ ଦିଲିପ କୁମାର ଜେନା ଓ ଉପନିର୍ଦ୍ଦେଶକ ରାମ ପ୍ରସାଦ ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲାର ମାଗୁରବେଡା ଯାଇ ଡ୍ୟାମ କାମ ତଦାରଖ କରିଥିଲେ। ଡ୍ୟାମ ସ୍ପିଲୱେ, ମାଟିବନ୍ଧ ବୁଲି ଦେଖିଥିଲେ। ସେଠାରେ ଲଗାଯାଇଥିବା ମେଶିନ୍ ମଧ ତଦାରଖ କରିଥିଲେ। କିଭଳି କାମ ଚାଲିଛି ତାକୁ ନିରୀକ୍ଷଣ କରିଥିଲେ। ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଅଧିକାରୀ ଇଂ ନିରଞ୍ଜନ ରାଉତ୍, ଡ୍ୟାମ ନିର୍ବାହୀ ଅଧିକାରୀ ନିର୍ବିଘ୍ନ ଭୋଇ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

୨୦୦୧ ନଭେମ୍ବର ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପକୁ ସେତେବେଳେ ୨୯ଟି ପ୍ରକଳ୍ପ ପ୍ରଭାବିତ ଗାଁ ଲୋକେ ବିରୋଧ କରିଥିଲେ। ଏହାପରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ୨୦୧୩ ମସିହାରେ ସରକାର ଏହିପ୍ରକଳ୍ପ କାମ ଆରମ୍ଭ କରିବାକୁ ସକ୍ଷମ ହୋଇଥିଲେ ମଧ ବିସ୍ଥାପନ ସମସ୍ୟା, କ୍ଷତିପୂରଣ ଏବଂ ଥଇଥାନ ପ୍ରସଙ୍ଗକୁ ନେଇ ଡ୍ୟାମ ସପକ୍ଷବାଦୀମାନେ ବିରୋଧ କରିବାରୁ ୨୦୧୮ ମସିହାରେ ଏହି ପ୍ରକଳ୍ପ କାମ ପୁଣି ଥରେ ବନ୍ଦ ହୋଇଥିଲା। ଏହାପରେ ଗତ ଫେବୃଆରୀ ୨୬ ତାରିଖରେ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ଲୋୟର ସୁକ୍‌ତେଲ ଡ୍ୟାମର ସ୍ପିଲୱେ କାମ ୭୫ ପ୍ରତିଶତ ଏବଂ ମାଟିବନ୍ଧ ୪୫.୩ ପ୍ରତିଶତ ସରିଥିବା ଜଣାପଡିଛି। ଏହି ପ୍ରକଳ୍ପକୁ ୨୦୧୭-୧୮ ଆର୍ଥିକ ବର୍ଷରୁ କେନ୍ଦ୍ରୀୟ ଅନୁଦାନ ବନ୍ଦ ରହିଛି। କେନ୍ଦ୍ରୀୟ ଅନୁଦାନ ମିଳୁ ନ ଥିବାରୁ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦ ଘଟଣାରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ଫଶି ରହିଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡିଥିଲା। ଟ୍ରିବ୍ୟୁନାଲରେ ଚାଲିଥିବା ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ ସୁକ୍‌ତେଲ ପ୍ରକଳ୍ପ ଝୁଲି ରହିବା ଆଶଙ୍କା ବୃଦ୍ଧି ପାଇଥିଲା। ତେବେ ସୁକ୍‌ତେଲ ପ୍ରକଳ୍ପ ନିର୍ମାଣ କାମ ପୁଣି ଥରେ ଆରମ୍ଭ କରିବାରେ ସରକାର ସଫଳ ହୋଇଛନ୍ତି। ଆଜି ସିଡବ୍ଲୁସିର ଦୁଇଜଣିଆ ଟିମ୍ ସୁକ୍‌ତେଲ ଡ୍ୟାମ ପରିଦର୍ଶନରେ ଆସିବା ପରେ ଏହି ପ୍ରକଳ୍ପକୁ କେନ୍ଦ୍ରୀୟ ଅନୁଦାନ ମିଳିବା ଆଶା ବଢ଼ିଛି ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି।

## ଭାଜପା ବାଉଁଶୁଣୀ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ବାଉଁଶୁଣୀ, ୨୭।୮(ଡି.ଏନ୍.ଏ.)

ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି ବାଉଁଶୁଣୀ ମଣ୍ଡଳର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ପଞ୍ଚମନ ଜଗଦଲାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ନିକଟରେ ସ୍ୱର୍ଗାରୋହଣ କରିଥିବା ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ମଧୁସୂଦନ ଦେହୁରୀ, ଜୀବନ ବିକାଶ ଜୁନିଅର ମହାବିଦ୍ୟାଳୟ ଅଧକ୍ଷ କୁନମୁନ ହାତୀ, ପ୍ରକାଶ ଝାଙ୍କର, ସୁବାସ ବାରିକ, ଅଶେଷ ନାଏକ, ପ୍ରଫୁଲ୍ଲ ଗାଇଗୌରୀଆଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶୋକ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନାଇ ଚରଣ ଡାଙ୍ଗ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସାତଟି ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯାଇ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା।

## କୃଷକ ସମ୍ପର୍କ ଅଭିଯାନ

ବିନିକା,୨୭।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଝୁବା ଜାମପାଲି ଘଣ୍ଟେଶ୍ୱରୀ ପୀଠରେ ଜିଲା ଚାଷୀମାନଙ୍କ ସମସ୍ୟା ନେଇ କୃଷକ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କିଷାନ କଂଗ୍ରେସ ସଭାପତି ନରେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବିନିକା ଅଞ୍ଚଳର ୧୬ଟି ଗ୍ରାପର ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରାଜ୍ୟ କଂଗ୍ରେସ କିଷାନ ସେଲର ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ରାଜ୍ୟ ଓ କେନ୍ଦ୍ର ସରକାର ବିକାଶ ନାଁରେ ଚାଷୀଙ୍କୁ ପ୍ରତାରଣା କରୁଥିବା କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ସାହୁ, ରାଜ୍ୟ କିଷାନ ସେଲର ସାଧାରଣ ସମ୍ପାଦକ ସ୍ୱପ୍ନେଶ୍ୱର ପୃଷ୍ଟି, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ଯୁବ କଂଗ୍ରେସ ନେତା ପ୍ରଦୀପ ସେଠୀ, ବିନିକା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧରେ ନିଜର ବକ୍ତବ୍ୟ ଥିଲେ। ଶେଷରେ ଯୁବନେତା ପ୍ରଦୀପ ସେଠୀ ଧନ୍ୟବାଦ ଦେଇଥିଲେ।

# ୱାର୍ଡ, ପ୍ରତୀକ୍ଷାଳୟ, ରୋଷେଇଶାଳା ଶିଳାନ୍ୟାସ


ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଜିଲା ପରିଷଦ ଅଧକ୍ଷା, ସଦସ୍ୟ ଓ ଜିଲାପାଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୭।୮

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**
■ଜିଲା ପରିଷଦ ପାଣ୍ଠିରୁ ୧.୫୦ କୋଟିର ଅନୁଦାନ ପ୍ରଦାନ

ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜ ହସପିଟାଲ ପରିସରରେ ଏକ ନୂତନ ୱାର୍ଡ, ରୋଗୀ ପରିଜନଙ୍କ ପ୍ରତୀକ୍ଷାଳୟ ଏବଂ ରୋଷେଇଶାଳା ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ଜିଲାପାଳ ଚଞ୍ଚଳ ରାଣା, ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ, ଉପାଧକ୍ଷା ପାଣ୍ଡବ ସାହୁ ଓ ଜିଲା ପରିଷଦ ସଦସ୍ୟାସଦସ୍ୟ, ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକ, ସିଡିଏମ୍‌ଓ ଡା. ଭୀମ ସାହୁ, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ନଳିନୀ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଶିଳାନ୍ୟାସ ସମ୍ପନ୍ନ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜିଲା ପରିଷଦ ପାଣ୍ଠିରୁ ୧.୫୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳକୁ ମେଡିକାଲ କଲେଜ ହସପିଟାଲ ଭାବେ ଉନ୍ନୀତ କରିବା ପରେ ଏଠାରେ ରୋଗୀ ଓ ରୋଗୀ ପରିଜନଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟିଛି। ଏହି କାରଣରୁ ଅନେକ ସମୟରେ ରୋଗୀଙ୍କୁ ଶଯ୍ୟା ଯୋଗାଇ ଦେବା ଏବଂ ରୋଗୀ ପରିଜନଙ୍କ ପ୍ରତୀକ୍ଷାଳୟ ନ ଥିବାରୁ ବହୁ ଲୋକ ହଇରାଣ ହରକତ ହେଉଥିବା ଦେଖାଯାଉଥିଲା। ଏହା ଦୂର ପାଇଁ ଜିଲା ପରିଷଦ ଅଧକ୍ଷ ଓ ସଦସ୍ୟମାନେ ତାଙ୍କର ୧.୫୦ କୋଟି ଅନୁଦାନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅନ୍ୟାନ୍ୟ ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯାଇ ୨ କୋଟି ୩ ଲକ୍ଷ ୮୦ ହଜାର ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ରାଜ୍ୟସ୍ତରୀୟ ସୁଦର୍ଶନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଅମରପାଲି,୨୭।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏଭର ଗ୍ରୀନ ସ୍ପୋର୍ଟ୍ସ ଆନୁକୂଲ୍ୟରେ ସ୍ଥାନୀୟ ଏଭରଗ୍ରୀନ ଖେଳପଡିଆରେ ପ୍ରଥମ ରାଜ୍ୟସ୍ତରୀୟ ସୁଦର୍ଶନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ବାଘ, ଧର୍ମେନ୍ଦ୍ର ମେହେର, କ୍ରୀଡାବିତ ବ୍ୟୋମକେଶ ପଣ୍ଡା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୌଦ୍ଧ ଓ କୁଚିଣ୍ଡା ମଧ୍ୟରେ ହୋଇଥିଲା। କୁଚିଣ୍ଡା ୧-୦ଗୋଲ ରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚରେ ବରଗଡ ଦଳ ଆଠମଲ୍ଲିକକୁ ୩-୧ ଗୋଲରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚର ବିଜେତା କୁଚିଣ୍ଡା ଓ ଦ୍ୱିତୀୟ ମ୍ୟାଚର ବିଜେତା ବରଗଡ ମଧ୍ୟରେ ପ୍ରଥମ ସେମି ଫାଇନାଲ ଖେଳା ଯାଇଥିଲା। ଏଥିରେ ବରଗଡ ୧-୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।

# ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ପ୍ରଦାନ

ବୌଦ୍ଧ,୨୭।୮(ସ୍ୱ.ପ୍ର.)


ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ କରାଯାଉଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ମଞ୍ଜୁର ହୋଇଥିବା ସ୍ୱତନ୍ତ୍ର ଲାପଟପକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ କରକମଳରେ ପ୍ରଦାନ କରାଯାଇଛି। ଯୁକ୍ତତିନି ଏବଂ ତଦୁର୍ଦ୍ଧ୍ୱ ଶ୍ରେଣୀରେ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ୪ଜଣ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଚ୍ଚଶିକ୍ଷାରେ ଉନ୍ନତି ଓ ସହାୟତା ନିମନ୍ତେ ଏହି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଲାପଟପ ପ୍ରଦାନ କରାଯାଇଛି। ଭୈରବୀ ମହାବିଦ୍ୟାଳୟ ପୁରୁଣାକଟକର ଛାତ୍ରୀ ସୁନନ୍ଦା କାଲଟା,ରମାଦେବୀ ମହାବିଦ୍ୟାଳୟ ଭୁବନେଶ୍ୱରରେ ଅଧ୍ୟୟନରତ ବୌଦ୍ଧ ଜିଲା ହରଭଙ୍ଗାର ଛାତ୍ରୀ ମଧୁସ୍ମିତା ମଲ୍ଲିକ, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଚିତ୍ରା ପ୍ରଧାନ ଓ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନରତ କନ୍ଧମାଳ ଟୁରିଦେଉଳର ଛାତ୍ର ଶଙ୍କର୍ଷଣ ବାଘଙ୍କୁ ଏହି ଲାପଟପ ପ୍ରଦାନ କରାଯାଇଥିଲା। ପ୍ରକାଶଥାଉକି ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୧୩-୧୪ ମସିହାରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଅଦ୍ୟାବଧି ବୌଦ୍ଧ ଜିଲାର ୧୪ ଦୃଷ୍ଟିବାଧିତ ଛାତ୍ରୀଛାତ୍ର ଯୋଜନାରେ ମାଗଣା ଲାପଟପ ପାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଶ୍ୱନୀ କୁମାର ମେହେର, ଡା. ବିକେ ଆରସି ହେମ୍ବ୍ରମ, ଅତିରିକ୍ତ ପୋଲିସ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ, ଜିଲା ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଆଗକୁ ନୂଆଁଖାଇ: ଗାଁ ଗାଁରେ ଶ୍ରମିକ ଖୋଜା

ସୋନପୁର,୨୭।୮(ନି.ପ୍ର.)

**ଅର୍ଥ ପ୍ରଲୋଭନ ଦେଖାଉଛନ୍ତି ଦଲାଲ**

ଆଉ ୧୫ ଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଏହି ଗଣପର୍ବ ପ୍ରସ୍ତୁତି ସହ ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲାରେ ସକ୍ରିୟ ହେଲେଣି ଦାଦନ ଦଲାଲ। ଜିଲା ତଥା ଜିଲା ବାହାରର ଦଲାଲମାନେ ଗ୍ରାମାଞ୍ଚଳରେ ଟଙ୍କା ଥଳି ଧରି ଡେରା ପକାଇଥିବା ଚର୍ଚ୍ଚା ହେଉଛି। ଗ୍ରାମର କେତେଜଣ ବେକାର ଯୁବକଙ୍କୁ ହାତବାରିସି କରି ଶ୍ରମିକ ନେବା ପାଇଁ ସେମାନେ ମନ୍ତ୍ରଣା କରୁଛନ୍ତି। ଦଲାଲମାନେ ଗରିବ ଲୋକଙ୍କୁ ନୂଆଁଖାଇ ପୂର୍ବରୁ ଟଙ୍କାର ଲୋଭ ଦେଖାଇ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ଯିବାକୁ ପ୍ରଲୋଭିତ କରୁଛନ୍ତି। ଏପରିକି ଆଗ୍ରହୀ ପରିବାରଗୁଡିକୁ ଲକ୍ଷଲକ୍ଷ ଟଙ୍କା ଅଗ୍ରୀମ ଦେଉଥିବା ଦେଖାଯାଉଛି। ଗଣପର୍ବ ପାଳନ ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଲୋକେ ଦଲାଲଙ୍କ କଥାରେ ରାଜି ହୋଇ ଅଗ୍ରୀମ ଟଙ୍କା ଗ୍ରହଣ କରୁଛନ୍ତି।

ଜିଲାରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନି। କୃଷି ଓ ନିର୍ମାଣ କାର୍ଯ୍ୟରେ ମେଶିନ ବ୍ୟବହାର ହେଉଛି। ଏମ୍‌ଜିଏନଆରଇଜିଏସ୍‌ରେ ଶ୍ରମିକଙ୍କୁ ପ୍ରଶାସନ କାମ ଯୋଗାଇ ପାରୁନି। ଏଭଳି ସ୍ଥିତିରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାମ ପ୍ରଭାବିତ ହୋଇଛି। ଶ୍ରମଜୀବୀ କାମ ନ ପାଇ ଘରେ ବସି ରହିଛି। ତେଣୁ ପରିବାରର ପୁଅ ଘରେ ବୃଦ୍ଧା ମା' ଓ ବାପାଙ୍କୁ ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ ହେଉଛି। ତେବେ ରାଜ୍ୟ ତଥା ରାଜ୍ୟ ବାହାରକୁ ଦାଦନ ଯିବା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରମିକ ମାନେ ନିଜର ନାମ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ମାତ୍ର ଏହାର ଅନୁପାଳନ କରାଯାଉନି। ପ୍ରଶାସନ ନିକଟରେ ଶ୍ରମିକଙ୍କ ସମ୍ପର୍କରେ କୌଣସି ତଥ୍ୟ ରହୁନି। ଫଳରେ କର୍ମକ୍ଷେତ୍ରରେ ଶ୍ରମିକ ନିର୍ଯାତିତ ହେଲେ କିମ୍ବା ଦୁର୍ଘଟଣାର ଶିକାର ହେଲେ ସହାୟତା ମିଳିବାରେ ବିଳମ୍ବ ହେଉଛି। ଅନ୍ୟପକ୍ଷରେ ଏହି ଜିଲାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଦାଦନ ଚାଲାଣ ହେଉ ନ ଥିବା ପ୍ରଶାସନ କହୁଛି। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଜିଲାର ଅଣଜଳସେଚିତ ତରଭା, ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକ ସମେତ ଜଳସେଚିତ ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ଦାଦନ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କଲାଣି। ପ୍ରତିବର୍ଷ ନୂଆଁଖାଇ ପରେ ଯୁବ ବର୍ଗ ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଓ ମହାରାଷ୍ଟ୍ର ଭଳି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବହୁ ସଂଖ୍ୟକ ଲୋକ ପରିବାର ସହିତ ବାହାର ରାଜ୍ୟକୁ ଯାଇ ଇଟାଭାଟିରେ କାମ କରୁଛନ୍ତି। ଗତବର୍ଷ କରୋନା ମହାମାରୀ ଜନିତ ଲକ୍‌ଡାଉନ୍ ଓ ଶଟ୍‌ଡାଉନ କାରଣରୁ ୧୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ(ଅଧିକାଂଶ ଦାଦନ ଶ୍ରମିକ) ନିଜ ଭିଟାମାଟିକୁ ଫେରିବା ନେଇ ନିଜର ନାମ ପଞ୍ଜୀକରଣ କରିଥିଲେ। ଏହି ଘଟଣାରୁ ଜିଲାରେ ଦାଦନ ଜନିତ ପ୍ରକୃତ ସ୍ଥିତି ଜଣା ପଡିଥିଲା। ତେଣୁ ପ୍ରଶାସନ ଶ୍ରମିକଙ୍କୁ ନିଜ ଅଞ୍ଚଳରେ କାମ ଯୋଗାଇ ଦେବା ସହ ଦାଦନ ଯାଉଥିବା ଶ୍ରମିକଙ୍କ ତଥ୍ୟ ରଖିବାକୁ ସାଧାରଣରେ ଦାବି ହେଉଛି। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା କୁହନ୍ତି, ଶ୍ରମିକମାନେ ଦାଦନ ଯିବା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିବା କଥା। ତାହା ସେମାନେ କରୁନାହାନ୍ତି। ଲୁଚା ଛପାରେ କାମ କରିବାକୁ ଯାଉଥିବାରୁ ଶ୍ରମିକ ଉଦ୍ଧାର ସମୟରେ ସମସ୍ୟା ହେଉଛି। ଏ ସମ୍ପର୍କରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।